

Digitized by srujanika@gmail.com

ରାଜା ରାମମୋହନ ରାୟ

ଲେଖକ

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍.ଏ.

ପ୍ରଥମ ସଂସ୍କରଣ
୧୯୬୪

ପ୍ରକାଶକ
ଜାତୀୟ ପୁସ୍ତକାଳୟ, ବାଲୁବଜାର, କଟକ-୨

ମୂଲ୍ୟ—ଟ° ୭୫ ନୂଆପଇସା

Digitized by srujanika@gmail.com

ସୂଚୀ

୧ । ପ୍ରଥମ ପରିଚ୍ଛେଦ – ଆଧୁନିକ ଭାରତର ଜଣେ ନିର୍ମାତା ୧

୨ । ଦ୍ୱିତୀୟ ପରିଚ୍ଛେଦ—ଜନ୍ମ ଓ ବାଲ୍ୟ ଶିକ୍ଷା ୪

୩ । ତୃତୀୟ ପରିଚ୍ଛେଦ—ଯୁବକ ରାମ ମୋହନ ୧୦

୪ । ଚତୁର୍ଥ ପରିଚ୍ଛେଦ – ସଂସ୍କାରକ ସମାଜସେବକ ରାମମୋହନ ୧୭

୫ । ପଞ୍ଚମ ପରିଚ୍ଛେଦ—ରାୟଙ୍କ ସମରଦୃଷ୍ଟି, ଉଦାରହୃଦୟତା ୨୪

୬ । ଷଷ୍ଠ ପରିଚ୍ଛେଦ—ସତୀଦାହପ୍ରଥା ବିରୁଦ୍ଧରେ ଆନ୍ଦୋଳନ ୨୯

୭ । ସପ୍ତମ ପରିଚ୍ଛେଦ—ୟୁରୋପ ଭ୍ରମଣ : ମୃତ୍ୟୁ ୪୨

୮ । ଅଷ୍ଟମ ପରିଚ୍ଛେଦ—ଜୀବନର କେତୋଟି କାହାଣୀ ୪୯

—o—

Digitized by srujanika@gmail.com

ରାଜା ରାମମୋହନ ରାୟ

ପ୍ରଥମ ପରିଚ୍ଛେଦ

ଆଧୁନିକ ଭାରତର ଜଣେ ନିର୍ମାତା

ରାଜା ରାମମୋହନ ରାୟ ଆଧୁନିକ ଭାରତର ଜଣେ ନିର୍ମାତା ଏବଂ ଭାରତର ସର୍ବବିଧ ଉନ୍ନତିର ପଥପ୍ରଦର୍ଶକ । ଜ୍ଞାନପିପାସା, ଲୋକହିତୈଷଣା ଓ ଭଗବତ୍‌ପ୍ରୀତି ରାମମୋହନଙ୍କ ଜୀବନର ଆଦର୍ଶ । ସେ ଆଧୁନିକ ଯୁଗର ପ୍ରବର୍ତ୍ତକ ଥିଲେ, ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

ଭାରତରେ ଇଂରେଜ ରାଜତ୍ୱର ସୂତ୍ରପାତଠାରୁ ବହୁ ବିଷୟରେ ଯୁଗାନ୍ତର ଉପସ୍ଥିତ ହୋଇଛି । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଓ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଶିକ୍ଷା, ସମାଜ ଓ ରାଜନୀତିରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଛି, ତାହା ଲୋକମାନ୍ୟ । ଏହିସବୁ କ୍ଷେତ୍ରରେ ରାମମୋହନ ନେତୃତ୍ୱ ପଦରେ ଦୃଢ଼ ପ୍ରତିଷ୍ଠିତ ଥିଲେ । ବଙ୍ଗଦେଶର ଉନ୍ନତିଶୀଳ ସମ୍ପ୍ରଦାୟର ସେ ପ୍ରତିଷ୍ଠାତା ଥିଲେ ।

ତାଙ୍କ ପୁଣ୍ୟ ଜୀବନଚରିତ ବହୁ ଲୋକଙ୍କ ଜୀବନକୁ ଉନ୍ନତ କରିଛି । ଅସଂଖ୍ୟ ଲୋକଙ୍କୁ ଦେଶସେବା କ୍ଷେତ୍ରରେ ପ୍ରେରଣା ଦେଇ ଦେଶକୁ ଉନ୍ନତିପଥରେ ଅଗ୍ରସର କରାଇଛି; ପ୍ରକୃତ ମନୁଷ୍ୟତ୍ୱର ବିକାଶ କରିଛି ।

Digitized by srujanika@gmail.com

ସେ ସମୟରେ ଦେଶର ଅବସ୍ଥା

ରାମମୋହନ ରାୟଙ୍କ ସମୟରେ ବଙ୍ଗଦେଶର ଅବସ୍ଥା ଯାହା, ସମଗ୍ର ଭାରତର ଅବସ୍ଥା ମଧ୍ୟ ତାହା । ଏହି ସମୟକୁ ଲକ୍ଷ୍ୟ କରି ଜଣେ ଲେଖକ କହିଛନ୍ତି—"ସେ ଯେଉଁ ସମୟରେ ଆବିର୍ଭୂତ ହୋଇଥିଲେ, ସେ ସମୟର ଭୀଷଣ ସାମାଜିକ ଭାବ ଓ ଅବସ୍ଥା ମନେ ପଡ଼ିଲେ ହୃତ୍‌କମ୍ପ ଉପସ୍ଥିତ ହୁଏ । ସେତେବେଳେ ଅନ୍ଧକାରର ସମୟ । × × × । ତିମିରାବୃତ ଅରଣ୍ୟଭୂମି ରାକ୍ଷସଭୂମି ଥିଲା, ଭ୍ରଷ୍ଟାଚାରର ସବୁ ପିଶାଚ ସେଠାରେ ରାଜତ୍ୱ କରୁଥିଲେ; ସେ ଏକା ଅଜ୍ଞାତ ଶତସହସ୍ର ଶତ୍ରୁ ଦ୍ୱାରା ଆବୃତ ହୋଇ, କୁଠାରହସ୍ତରେ ସେହି ଘୋର ଅବିଦ୍ୟା ଅରଣ୍ୟକୁ ସମଭୂମି କରି ଦେଶୋଦ୍ଧାରରେ ପ୍ରବୃତ୍ତ ହୋଇଥିଲେ । × × × ତାଙ୍କ ଜୀବନର ଏହି ମହାନ୍ ଲକ୍ଷ୍ୟ ଥିଲା ଯେ, ପୃଥିବୀର ସମସ୍ତେ କଳହ ବିବାଦ ପରିତ୍ୟାଗ କରି ଏକମାତ୍ର ପୁରାତନ ଅନାଦି ଈଶ୍ୱରଙ୍କୁ ଉପାସନା କରିବେ ଏବଂ ପରସ୍ପର ପରସ୍ପରକୁ ଭ୍ରାତୃଭାବରେ ଆଲିଙ୍ଗନ କରିବେ । ବଙ୍ଗଦେଶର ଏହିପରି ଅବସ୍ଥାରେ ରାଜା ରାମମୋହନ ରାୟ ଜନ୍ମଗ୍ରହଣ କରିଥିଲେ, ଯେତେବେଳେ ତାଙ୍କର ଷୋଡ଼ଶ ବର୍ଷ ବୟଃକ୍ରମ, ସେତେବେଳଠାରୁ ସେ ସ୍ୱଦେଶବାସୀଙ୍କର ଜ୍ଞାନ, ଧର୍ମ ଓ ସମାଜର ଉନ୍ନତି କଳ୍ପେ ଆପଣାକୁ ବଳି କରି ଭାରତରେ ସେହି ତିମିରାଚ୍ଛନ୍ନ ସମୟରେ ବିବିଧ କୁସଂସ୍କାର ଅପନୋଦନ ମାନସରେ ଆଜୀବନ ସଂଗ୍ରାମରେ ରତ ଥିଲେ ।"

ପ୍ରାଚୀନ କାଳରେ ଭାରତ ଧର୍ମ ଓ ଜ୍ଞାନରେ ପୃଥିବୀର ଶୀର୍ଷସ୍ଥାନ ଅଧିକାର କରିଥିଲା । ଏ ଦେଶର ଉଦାର ଚିନ୍ତାଧାରା ଓ ଋଷିର ଆଧ୍ୟାତ୍ମି ଜୀବନ ଆଦର୍ଶ ସ୍ଥାନୀୟ ଥିଲା । ସୁବର୍ଣ୍ଣର ଓ

Digitized by srujanika@gmail.com

ପ୍ରଶସ୍ତ ଦୃଷ୍ଟିଭଙ୍ଗୀ ଯୋଗୁଁ ସମାଜ ଗୋଟିଏ ଗଣ୍ଡୀମଣ୍ଡଳୀରେ ପରିଣତ ହୋଇଥିଲା । କାଳର କୁଟିଳ ଗତିରେ ଏହି ଉଚ୍ଚ ଭାବ ଓ ଜ୍ଞାନଗରିମା ସମାଜର ମୁଷ୍ଟିମେୟ ଲୋକଙ୍କ ହାତରେ ବଂଶ ପରଂପରା କ୍ରମେ ଆବଦ୍ଧ ହୋଇ ରହିଲା । ଏହିଠାରୁ ଏହି ଜ୍ଞାନ ଓ ଧର୍ମର ଉଚ୍ଚ, ଉଦାର ଭାବ କ୍ରମେ ମଳିନ ହୋଇଆସିଲା । ମୁସଲମାନ ରାଜତ୍ୱ କାଳରେ ଚିନ୍ତାର ସ୍ୱାଧୀନତା ସଂକୁଚିତ ହୋଇଯିବା ଫଳରେ ଏହି ମଳିନତା ବୃଦ୍ଧି ପାଇଥିଲା । ଇଂରେଜ-ମାନଙ୍କର ପ୍ରଥମ ଆଗମନ ସମୟକୁ ଏହି ପୂର୍ବଗୌରବ ଯେପରି ଆହୁରି ବସ୍ତୁତଃ ମେଘଜାଲରେ ଆଚ୍ଛନ୍ନ ହୋଇଗଲା ।”

ଧର୍ମ ବିଷୟରେ ଅବସ୍ଥା ଅତି ଶୋଚନୀୟ ହୋଇ-ପଡ଼ିଥିଲା । ନାନା ପ୍ରକାର କୁସଂସ୍କାର ସମାଜକୁ ଗ୍ରାସ କରିଥିଲା । ଜ୍ଞାନର ପରିସର ସୀମିତ ହୋଇଯାଇଥିଲା । ଜଣେ ଲେଖକ ଲେଖିଛନ୍ତି— ଅତି ଉଚ୍ଚପଦସ୍ଥ ଲୋକେ ମଧ୍ୟ ବର୍ଣ୍ଣ ଶୁଦ୍ଧି କରି କୌଣସି ବିଷୟ ଲେଖିବାକୁ ସମର୍ଥ ହେଉନଥିଲେ । କାହାଦ୍ୱାରା ଖଣ୍ଡିଏ ଚିଠି ପଢ଼ାଇବାକୁ କି ଲେଖିବାକୁ ହେଲେ ବହୁ ଦୂର ଗମନ କରିବାକୁ ହେଉଥିଲା । ଯେଉଁମାନେ କୌଣସିରୂପେ କିଛି ଲେଖି ବା ପଢ଼ିପାରୁଥିଲେ, ସେମାନେ କେବଳ ସମାଜରେ ଶିକ୍ଷିତ ବୋଲି ଗଣ୍ୟ ହେଉଥିଲେ । ପ୍ରକୃତ ପକ୍ଷେ ସେତେବେଳେ ବଙ୍ଗଳା ଗଦ୍ୟ ଲେଖାର ସୃଷ୍ଟି ହୋଇ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।”

“ସେତେବେଳର ସମାଜର ଅବସ୍ଥା ଆହୁରି ଶୋଚନୀୟ ଥିଲା । ନାରୀମାନେ ଦେବତାଙ୍କ ପ୍ରୀତି ପାଇଁ ଆପଣାର ପ୍ରାଣସମ ପୁତ୍ରକୁ ଗଙ୍ଗାସାଗରରେ ନିକ୍ଷେପ କରୁଥିଲେ ଏବଂ ମୃତ ସ୍ୱାମୀଙ୍କର ଜ୍ୱଳନ୍ତ ଚିତାରେ ପ୍ରବେଶ କରି, ସ୍ୱାମୀଙ୍କ ସଙ୍ଗରେ ସେହି ଅନଳରେ

Digitized by srujanika@gmail.com

ଭସ୍ମୀଭୂତ ହେଉଥିଲେ । ଏସବୁ କାର୍ଯ୍ୟ ଭାରତୀୟ ନାରୀମାନଙ୍କର ଜ୍ୱଳନ୍ତ ଧର୍ମାନୁରାଗର ହିଁ ପରିଚୟ ଦେଉଛି, ସଂଶୟ ନାହିଁ; କିନ୍ତୁ ଜ୍ଞାନବର୍ଜ୍ଜିତ ଧର୍ମାନୁରାଗ ଅନେକ ସ୍ଥଳରେ ଇଷ୍ଟ ପରିବର୍ତ୍ତରେ ଅନିଷ୍ଟହିଁ ସାଧନ କରିଥାଏ, ଏହା ଆମ୍ଭେମାନେ ଅନେକ ସ୍ଥଳରେ ପ୍ରତ୍ୟକ୍ଷ କରୁଛୁ । ସହମରଣ ପ୍ରଥାର ବିବରଣ ପାଠ କଲେ ମନରେ ଅତ୍ୟନ୍ତ କଷ୍ଟ ଉଦୟ ହୋଇଥାଏ । ସତୀ ସ୍ୱାମୀର ଜ୍ୱଳନ୍ତ ଚିତାରେ ପ୍ରବେଶ କରୁଥିଲେ । ଯଦି କୌଣସି ନାରୀ ଚିତାଗ୍ନିର ଅସହନୀୟ ଯନ୍ତ୍ରଣାରେ ଅସ୍ଥିର ହୋଇ, ସେଥିରୁ ବାହାର ହେବାକୁ ଉପକ୍ରମ କରୁଥିଲେ, ତାହା ହେଲେ, ତାଙ୍କର ଆତ୍ମୀୟମାନେ ସେହି ପଥରେ ବିଶେଷ ବାଧା ପ୍ରଦାନ କରୁଥିଲେ । ସତୀର ହୃଦୟଭେଦୀ ଆର୍ତ୍ତନାଦ ସମୀପସ୍ଥ ବ୍ୟକ୍ତିମାନଙ୍କର ହୃଦୟ ଦ୍ରବୀଭୂତ କରିବାକୁ ସମର୍ଥ ହେଉ ନଥିଲା । ଯଦି ଟିକିଏ ସୁଯୋଗ ପାଇ କେହି ଦୂରକୁ ପଳାୟନ କରୁଥିଲା, ତାର ଦଗ୍ଧ ଶରୀର ଶୀତଳ କରିବାକୁ ଚେଷ୍ଟା କରିବା ଦୂରେ ଥାଉ, ଶ୍ମଶାନ ଭୂମିର ଲୋକମାନେହିଁ ବଳପୂର୍ବକ ସେହି ଅର୍ଦ୍ଧଦଗ୍ଧ ଅନାଥିନୀକୁ ଧରି ଆଣି ପୁନର୍ବାର ସେହି ଚିତାଶଯ୍ୟାରେ ଶୟନ କରାଇ ଦେଉଥିଲେ ।

ଦ୍ୱିତୀୟ ଅଧ୍ୟାୟ

ଜନ୍ମ ଓ ବାଲ୍ୟ ଶିକ୍ଷା

ରାମମୋହନ ରାୟ ଖ୍ରୀ: ୧୭୭୨ ରେ ବଙ୍ଗ ପ୍ରଦେଶର ହୁଗୁଳି ଜିଲ୍ଲା ଅନ୍ତର୍ଗତ ରାଧାନଗର ଗ୍ରାମରେ ଜନ୍ମଗ୍ରହଣ

Digitized by srujanika@gmail.com

କରିଥିଲେ । ତାଙ୍କର ପ୍ରପିତାମହ କୃଷ୍ଣଚନ୍ଦ୍ର ବନ୍ଦୋପାଧ୍ୟାୟ ଜଣେ କୁଳୀନ ବ୍ରାହ୍ମଣ ଏବଂ ରାଜକାର୍ଯ୍ୟରେ ଅଭିଜ୍ଞତା ଅର୍ଜ୍ଜନ କରିଥିଲେ । ସମ୍ରାଟ ଆଉରଙ୍ଗଜେବଙ୍କ ରାଜତ୍ୱ କାଳରେ ସେ ବଙ୍ଗର ମୁର୍ଶିଦାବାଦର ନବାବଙ୍କ ଦରବାରରେ ଚାକିରି କରୁଥିଲେ । ତାଙ୍କର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ନବାବ ତାଙ୍କୁ "ରାୟ ରାୟ" ଉପାଧି ଦେଇଥିଲେ ଏବଂ ସେହି ସମୟରୁ କୃଷ୍ଣଚନ୍ଦ୍ର ନିଜ କୁଳ ସଂଜ୍ଞା ବନ୍ଦୋପାଧ୍ୟାୟ ପରିବର୍ତ୍ତେ ରାଜଦତ୍ତ ଉପାଧି "ରାୟ" ବ୍ୟବହାର କଲେ । "ରାୟ" ଉପାଧି ତାଙ୍କର ବଂଶାନୁକ୍ରମେ ବ୍ୟବହୃତ ହୋଇ ଆସୁଅଛି । ମୁର୍ଶିଦାବାଦ ଜିଲ୍ଲା ଅନ୍ତର୍ଗତ ସାଁକାସା ଗ୍ରାମରେ କୃଷ୍ଣ ଚନ୍ଦ୍ରଙ୍କର ଆଦି ନିବାସ ଥିଲା । ସେ ନବାବଙ୍କର ଖଜଣା ଆଦାୟ କରିବା ନିମନ୍ତେ ଜଣେ ତହସିଲଦାର ରୂପେ ନିଯୁକ୍ତ ହୋଇଥିଲେ । ଏହି କାର୍ଯ୍ୟରେ ସେ ବହୁ ସମୟ କୃଷ୍ଣନଗରରେ ରହୁଥିଲେ । ସେଠାରେ ଜଣେ ସାଧୁ ପୁରୁଷଙ୍କ ସହିତ ତାଙ୍କର ବନ୍ଧୁତ୍ୱ ଜନ୍ମିଲା ଏବଂ ତାଙ୍କରି ଉପଦେଶ ଅନୁସାରେ କୃଷ୍ଣଚନ୍ଦ୍ର ସାଁକାସା ଗ୍ରାମ ପରିତ୍ୟାଗ କରି କୃଷ୍ଣନଗର ନିକଟସ୍ଥ ରାଧାନଗରକୁ ଉଠିଆସିଲେ । ଏହିଠାରେ ସେ ସ୍ଥାୟୀ ଭାବରେ ବାସଗୃହ ନିର୍ମାଣ କରିଥିଲେ ।

କୃଷ୍ଣଚନ୍ଦ୍ର ଯଥେଷ୍ଟ ଶିକ୍ଷିତ ଲୋକ ଥିଲେ । ସେ ନିଜ ଗୁଣ ଓ ବିଦ୍ୟାବଳରେ ବହୁ ସମ୍ପତ୍ତି ଅର୍ଜନ କରିଥିଲେ । ତାଙ୍କର ତିନି ଜଣ ପୁତ୍ର, ହରିପ୍ରସାଦ, ଅମରଚନ୍ଦ୍ର ଓ ବ୍ରଜବିନୋଦ । ବ୍ରଜବିନୋଦ ନବାବଙ୍କ ଅଧୀନରେ ଚାକିରି କରି ବହୁ ଧନ ଉପାର୍ଜନ କରିଥିଲେ । କିଛୁକାଳ କାର୍ଯ୍ୟ କରିବା ପରେ ନବାବଙ୍କଠାରୁ ଯଥୋଚିତ ସଦ୍‌ବ୍ୟବହାର ନ ପାଇବାରୁ ସେ ଚାକିରି ତ୍ୟାଗ କରି ସ୍ୱଗ୍ରାମକୁ ଫେରିଆସିଲେ । ସେଠାରେ ତାଙ୍କର ଜୀବନର ଅବଶିଷ୍ଟ କାଳ

Digitized by srujanika@gmail.com

ଅନ୍ତିବାହିତ ହୋଇଥିଲା । ବ୍ରଜବିନୋଦ ବୈଷ୍ଣବ ଥିଲେ । ତାଙ୍କର ସାତ ପୁଅ । ବ୍ରଜବିନୋଦଙ୍କ ଶେଷ ଅବସ୍ଥା ସମୟରେ ଶ୍ୟାମ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଶାକ୍ତ ବ୍ରାହ୍ମଣ ତାଙ୍କର କନ୍ୟା ସହିତ ସ୍ୱପୁଙ୍କର କୌଣସି ଏକ ପୁତ୍ରର ବିବାହ ଦେବାକୁ ଅନୁରୋଧ କରିଥିଲେ । ସେତେବେଳେ ବୈଷ୍ଣବ ଓ ଶାକ୍ତର ବ୍ରାହ୍ମଣମାନଙ୍କ ଭିତରେ ପରସ୍ପର ସଦ୍‌ଭାବ ନ ଥିଲା । ବୈଷ୍ଣବ ବ୍ରଜରାୟ ଅନ୍ତିମକାଳରେ ବ୍ରାହ୍ମଣର ଅନୁରୋଧକୁ ଉପେକ୍ଷା କରିବା ଉଚିତ ମନେ କଲେ ନାହିଁ । ସେ ତାଙ୍କର ପୁତ୍ରମାନଙ୍କୁ ଡାକି ପ୍ରତ୍ୟେକଙ୍କୁ ଏହି ପ୍ରସ୍ତାବରେ ସମ୍ମତ ହେବା ପାଇଁ କହିଲେ । ରାମକାନ୍ତଙ୍କ ବ୍ୟତୀତ ଆଉ କେହି ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ ।

ବ୍ରଜ ରାୟଙ୍କ ସ୍ୱର୍ଗାରୋହଣ ପରେ ରାମକାନ୍ତଙ୍କ ସହିତ ଭଟ୍ଟାଚାର୍ଯ୍ୟଙ୍କ କନ୍ୟା ତାରିଣୀ ଦେବୀଙ୍କର ବିବାହ ସମ୍ପନ୍ନ ହୋଇଥିଲା । ରାମକାନ୍ତ ପରେ ଆଉ ଏକ କନ୍ୟା ବିବାହ କରିଥିଲେ; କିନ୍ତୁ ପ୍ରଥମା ଭାର୍ଯ୍ୟା ତାରିଣୀ ଦେବୀ ଗୃହର ପ୍ରଧାନ କର୍ତ୍ତ୍ରୀ ଥିଲେ । ରାମ-କାନ୍ତଙ୍କର ଦୁଇ ପୁତ୍ର ଓ ଏକ କନ୍ୟା ଥିଲେ । ପୁତ୍ରଙ୍କ ନାମ ଜଗନ୍ମୋହନ ଓ ରାମମୋହନ । ତାରିଣୀ ଦେବୀ ଭଲଭାବରେ ଗୃହ ପରିଚାଳନା କରୁଥିଲେ । ତାଙ୍କୁ ଲୋକେ ଶ୍ରଦ୍ଧାରେ ଫୁଲ ଠାକୁରାଣୀ ବୋଲି ଡାକୁଥିଲେ । ତାରିଣୀ ଦେବୀ ବଡ଼ବୁଦ୍ଧିମତୀ, ତେଜସ୍ୱିନୀ ଓ ଧର୍ମପରାୟଣା ମହିଳା ଥିଲେ । ମାତାଙ୍କର ପ୍ରଭାବ ପୁତ୍ରଙ୍କ ଉପରେ ବିଶେଷ ଭାବରେ ପଡ଼ିଥିଲା ।

ଫ୍ରାନ୍ସର ବିଖ୍ୟାତ ବୀର ନେପୋଲିଅନ୍ ବୋନାପାର୍ଟ ଥରେ କହିଥିଲେ, "ଉପଯୁକ୍ତ ଜନନୀ ପାଇଲେ ମୁଁ ଏକ ମହତ୍ ଜାତି ଗଠନ କରି ପାରିବି ।" ରାମମୋହନଙ୍କ ପିତା ରାମକାନ୍ତ ମଧ୍ୟ କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ଓ ନ୍ୟାୟପରାୟଣ

Digitized by srujanika@gmail.com

ବ୍ୟକ୍ତି ଥିଲେ । ସେ ମଧ୍ୟ ତାଙ୍କ ପିତାଙ୍କ ପରି ମୁର୍ଶିଦାବାଦର ନବାବ (ସିରାଜ ଉଦ୍ଦୌଲାଙ୍କ) ଅଧୀନରେ ଚାକିରି କରୁଥିଲେ । କୌଣସି ମନାନ୍ତର ଯୋଗୁଁ ରାମକାନ୍ତ ନବାବଙ୍କ ଅଧୀନତା ତ୍ୟାଗ କରି ବର୍ଦ୍ଧମାନ ମହାରାଜାଙ୍କ ଅଧୀନରେ ଚାକିରି କଲେ । ସେଠାରେ ମଧ୍ୟ ଅପଦସ୍ତ ହେବାରୁ ସେ ଚାକିରି ଛାଡ଼ି ସ୍ୱଗ୍ରାମକୁ ଫେରିଯାଇ ଜୀବନର ଅବଶିଷ୍ଟ ସମୟ ସେହିଠାରେ ଶାନ୍ତିରେ ଅତିବାହିତ କରିଥିଲେ ।

ବାଲ୍ୟକାଳରୁ ରାମମୋହନଙ୍କ ପ୍ରତିଭା ପ୍ରକାଶ ପାଉଥିଲା । ସେ ଧର୍ମପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇଥିଲେ । ତାଙ୍କୁ ଯେତେବେଳେ ଚୌଦ ବର୍ଷ, ସେତେବେଳେ ସେ ସାଂସାରିକ ଜଞ୍ଜାଳରୁ ମୁକ୍ତ ହେବା ଇଚ୍ଛାରେ ସନ୍ନ୍ୟାସୀ ହେବାକୁ ସ୍ଥିର କରିଥିଲେ । ଏହି କଥା ତାଙ୍କର ମାତା ଜାଣିପାରି ତାଙ୍କୁ ଏଥିରୁ ନିବୃତ୍ତାଇଥିଲେ ।

ଶିକ୍ଷା

ରାମକାନ୍ତ ରାୟ ନିଜେ ସୁଶିକ୍ଷିତ ଓ ବିଦ୍ୟୋତ୍ସାହୀ ଥିବାରୁ ପୁତ୍ରଙ୍କର ସୁଶିକ୍ଷା ନିମନ୍ତେ ବିଶେଷ ଯତ୍ନଶୀଳ ଥିଲେ । ପ୍ରଚଳିତ ଶିକ୍ଷାଦାନ ରୀତି ଅନୁସାରେ ସେ ରାମମୋହନଙ୍କୁ ଅବଧାନଙ୍କ ଠାରୁ ବିଦ୍ୟାଶିକ୍ଷା କରାଇଥିଲେ । ସେତେବେଳେ ପାର୍ଶୀ ଭାଷା ରାଜଭାଷା ଥିଲା । ସରକାରୀ କାଗଜପତ୍ର ସେହି ଭାଷାରେ ଲିଖିତ ହେଉଥିଲା ଏବଂ ହାକିମମାନେ ସେହି ଭାଷାରେ କଥାବାର୍ତ୍ତା ମଧ୍ୟ କରୁଥିଲେ । ପାର୍ଶୀ ଭାଷା ସହିତ ଆରବୀ ଭାଷା ଶିକ୍ଷା କରିବାକୁ ମଧ୍ୟ ପଡ଼ୁଥିଲା । ଏହି ଦୁଇ ଭାଷାରେ ଯେ ଯେତେ ପଣ୍ଡିତ, ସେ ସେତେ ଆଦର ଓ ସମ୍ମାନ ପାଉଥିଲେ ।

Digitized by srujanika@gmail.com

ଭାରତୀୟପୁତ୍ରମାନେ ପ୍ରମାତୃଭାଷାର ଶିକ୍ଷା ଅବଧାନଙ୍କଠାରୁହିଁ ମାଉଥିଲେ । ପରେ ଉଚ୍ଚ ଶିକ୍ଷା ନିମନ୍ତେ ପାର୍ଶୀ ଓ ଆରବୀ ଭାଷାଭିଜ୍ଞ ଶିକ୍ଷକମାନଙ୍କ ନିକଟକୁ ଯାଉଥିଲେ । ରାମକାନ୍ତ ପୁତ୍ରର ଭବିଷ୍ୟତ ଉନ୍ନତି ଲକ୍ଷ୍ୟରେ ତାଙ୍କୁ ପାର୍ଶୀ ଓ ଆରବୀ ଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ନଅବର୍ଷ ବୟସବେଳକୁ ରାମମୋହନ ପାର୍ଶୀ ଭାଷା ଶିଖିଯାଇଥିଲେ ଏବଂ ଭଲ ଭାବରେ ଲେଖିପଢ଼ି ଜାଣିଥିଲେ । ଆରବୀ ଭାଷା ଶିକ୍ଷା କରିବା ନିମିତ୍ତ ରାମକାନ୍ତ ପୁତ୍ରଙ୍କୁ ପାଟନା ପ୍ରେରଣ କଲେ । ସେଠାରେ ସେ ତିନିବର୍ଷ ରହି ଏହି ଭାଷାରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ରାମମୋହନ ଏହି ଭାଷାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଗଣିତ, ଦର୍ଶନ, ଇତିହାସ ପ୍ରଭୃତି ଗ୍ରନ୍ଥ ପାଠ କରିଥିଲେ । ସେ ଇଉକ୍ଲିଡ୍‌ [Euclid]ଙ୍କ ଜ୍ୟାମିତି ଓ ଆରିଷ୍ଟଟଲ୍‌ [Aristotle]ଙ୍କ ନ୍ୟାୟଶାସ୍ତ୍ର ଆରବୀ ଭାଷାରେ ଅଧ୍ୟୟନ କରି ପାରଦର୍ଶିତା ଲାଭ କରିଥିଲେ । ଏହି ଗ୍ରନ୍ଥମାନଙ୍କର ଅନୁଶୀଳନ ଫଳରେ ସେ ଅସାଧାରଣ ଚିନ୍ତାଶକ୍ତି, ତର୍କନୈପୁଣ୍ୟ ଓ ପାଣ୍ଡିତ୍ୟ ଲାଭ କରିଥିଲେ । ପାଟନାରେ ଅବସ୍ଥାନ କରୁଥିବା ବେଳେ ସେ ଆରବୀ ଭାଷାରେ ଲିଖିତ ମୁସଲମାନମାନଙ୍କର ମୁଖ୍ୟ ଧର୍ମଗ୍ରନ୍ଥ ମୂଳ କୋରାନ୍‌କୁ ଉତ୍ତମରୂପେ ଅଧ୍ୟୟନ କରିଥିଲେ । କୋରାନ୍‌ ଓ ମୁସଲମାନ ଦର୍ଶନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିବା ମୌଲବୀମାନଙ୍କ ସହିତ ରାମମୋହନ ବହୁ ବିଷୟରେ ଆଲୋଚନା କରି ନିଜର ଜ୍ଞାନକୁ ମାର୍ଜିତ କରୁଥିଲେ ।

ରାମକାନ୍ତ ପୁତ୍ରଙ୍କର ବିଦ୍ୟାପ୍ରତି ଆଗ୍ରହ ଓ ଅଧ୍ୟବସାୟ ଦେଖି ପ୍ରୀତ ହୋଇଥିଲେ । ସେ ଜଣେ ମେଧାବୀ ପୁତ୍ର ଥିବାରୁ ସଂସ୍କୃତ ଭାଷା ଅଧ୍ୟୟନ କରିବା ଉଚିତ ମନେ କରି ପିତା ତାଙ୍କୁ କାଶୀଧାମକୁ ପ୍ରେରଣ କଲେ । ସେତେବେଳକୁ ସେ ଦ୍ୱାଦଶ ବର୍ଷ

Digitized by srujanika@gmail.com

ବସ୍ପୂର୍ଣ୍ଣ ବାଳକ । ବନାରସରେ ଗୃହ ବର୍ଷ ଅବସ୍ଥାନ କରି ସଂସ୍କୃତରେ ସେ ସୁଶିକ୍ଷା ଲାଭ କରିଥିଲେ । ଏହି ସମୟରେ ତାଙ୍କର ଅନେକ ହିନ୍ଦୁଧର୍ମ ଗ୍ରନ୍ଥ ଅଧ୍ୟୟନ କରିବା ସୁବିଧା ହୋଇଥିଲା । ସଂସ୍କୃତ ଭାଷାରେ ରାମାୟଣ, ମହାଭାରତ, ବେଦ, ଉପନିଷଦ, ସଂହିତା ଓ ଅନ୍ୟାନ୍ୟ ବିଖ୍ୟାତ ସାହିତ୍ୟ ଗ୍ରନ୍ଥ ଅଧ୍ୟୟନ କରି ପଣ୍ଡିତମାନଙ୍କ ସାହାଯ୍ୟରେ ସେ ଅନୁଶୀଳନ କରୁଥିଲେ । ବନାରସରେ ଗୃହ ବର୍ଷ ରହି ରାମମୋହନ ସ୍ୱ ଗୃହକୁ ଫେରି ଆସିଥିଲେ ।

ଏହା ପରେ ପିତା ଓ ପୁତ୍ରଙ୍କ ମଧ୍ୟରେ ମନାନ୍ତର ଜନ୍ମିଥିଲା । ରାମକାନ୍ତ ଜଣେ ଉଚ୍ଚ ଶିକ୍ଷିତ ପ୍ରାଚୀନପନ୍ଥୀ ଥିଲେ । ପୁତ୍ର ସଂସ୍କାର ପ୍ରୟାସୀ ହେଉଥିବା ଜାଣିପାରି ସେ ଏଥିରେ ବ୍ୟଥିତ ହୋଇଥିଲେ । ଜଣେ ଜୀବନୀ ଲେଖକ ଏପରି ଭାବରେ ଏହି ବିଷୟଟି ବର୍ଣ୍ଣନା କରିଛନ୍ତି—

"ରାମମୋହନ ରାୟ ତାଙ୍କର ପାଟନାରେ ଅବସ୍ଥିତି-କାଳରେ, ମହମ୍ମଦୀୟ ଧର୍ମଗ୍ରନ୍ଥ କୋରାନ ଓ ଭାରତର ପ୍ରାଚୀନ ଶାସ୍ତ୍ରାଦି ଅଧ୍ୟୟନ କରିବା ଫଳରେ ତାଙ୍କ ମନରେ ଧର୍ମଜିଜ୍ଞାସା ପ୍ରବଳ ହୋଇଥିଲା । ଅଧ୍ୟୟନ ଫଳରେ ସେ ଏହି ମୀମାଂସାରେ ଉପନୀତ ହୋଇଥିଲେ ଯେ, ଏକମାତ୍ର ପରମେଶ୍ୱରଙ୍କର ଉପାସନାହିଁ ଏହି ସବୁ ଶାସ୍ତ୍ରରେ ପ୍ରତିପନ୍ନ ହୋଇଅଛି । ରାମମୋହନ ଗୃହକୁ ଆସି ଆହୁରି ଅଧିକତର ରୂପେ ଜ୍ଞାନାନୁଶୀଳନରେ ପ୍ରବୃତ୍ତ ହେଲେ । ପିତା ପୁତ୍ରଙ୍କ ଭିତରେ ସର୍ବଦା ଧର୍ମପ୍ରସଙ୍ଗ ଚଳେ; କିନ୍ତୁ ରାମମୋହନଙ୍କର ଉଦାର ଧର୍ମମତର ପରିଚୟ ପାଇ ରାମକାନ୍ତ ବଡ଼ କ୍ଷୁବ୍ଧ ହେଉଥିଲେ । ରାମମୋହନ ରାୟ କେବଳ ପିତାଙ୍କ ନିକଟରେ ଆପଣା ମତ ବ୍ୟକ୍ତ କରି କ୍ଷାନ୍ତ ହେଉନଥିଲେ, ସେ "ତୁହ୍‌ଫତ୍ ଉଲ୍ ମୁୱାହିଦୀନ" ନାମକ ଖଣ୍ଡିଏ ପୁସ୍ତକ ପାରସ୍ୟ ଭାଷାରେ

Digitized by srujanika@gmail.com

ପ୍ରକାଶ କରିଥିଲେ । ଏହାର ଭୂମିକା ଆରବୀ ଭାଷାରେ ଲିଖିତ ହୋଇଥିଲା । ତାହା ପୌତ୍ତଳିକତା ମାତ୍ରାଧିକ ଅନେକ ତଜ୍ଜାବଧାରକ ମୌଳିକ ପୁସ୍ତକ ଖଣ୍ଡିକ ଇଂରେଜୀରେ ଭାଷାନ୍ତରିତ କରିଥିଲେ । × × × × × × ପୁସ୍ତକର ମର୍ମ ସମସ୍ତେ ଅବଗତ ହୋଇ ଏହା ପ୍ରଚଳିତ ଧର୍ମମତ ବିରୋଧୀ ବୋଲି ମନେ କଲେ । ରାମକାନ୍ତ ରାୟ ମଧ୍ୟ ବଡ଼ କ୍ଷୁବ୍ଧ ହେଲେ । ରାମମୋହନ ରାୟଙ୍କ ଜନନୀ ହିନ୍ଦୁଧର୍ମରେ ଅତି ନିଷ୍ଠାବତୀ ଥିଲେ । ପୁତ୍ରର ଏହି ଅଭିନବ ମତ ତାଙ୍କର ପ୍ରୀତିକର ହେଲା ନାହିଁ । ପତି ପତ୍ନୀ ଏକମତ ହୋଇ ପୁତ୍ରକୁ ଗୃହରୁ ବହିଷ୍କୃତ କରିଦେଲେ ।"

ଗୃହରୁ ତଡ଼ା ଖାଇବା ପରେ ରାମମୋହନ ଅନ୍ୟ ସ୍ୱଜନମାନଙ୍କର ଆଗ୍ରହ ଓ ସହାନୁଭୂତିରୁ ମଧ୍ୟ ବଞ୍ଚିତ ହେଲେ । ସେତେବେଳକୁ ସେ ଷୋଡ଼ଶ ବର୍ଷ ବୟସ୍କ ଯୁବକ ।

—o—

ତୃତୀୟ ପରିଚ୍ଛେଦ

ଯୁବକ ରାମମୋହନ

ଗୃହରୁ ବହିଷ୍କୃତ ହେବା ପରେ ଷୋଡ଼ଶ ବର୍ଷ ବୟସର ତରୁଣ ରାମମୋହନ ଜଣେ ସନ୍ନ୍ୟାସୀଙ୍କ ସଙ୍ଗରେ ହିମାଳୟ ଅତିକ୍ରମ କରି ତିବ୍ବତ ଦେଶରେ ଉପସ୍ଥିତ ହୋଇଥିଲେ । ଭାରତରୁ ତିବ୍ବତକୁ ଯିବାକୁ ହେଲେ ଭୀଷଣ ତୁଷାରପାତ ଓ ମାରାତ୍ମକ ପଥରେ ଗତି କରିବାକୁ ହେଉଥିଲା । ଏଥିରେ ଯେଉଁ ମାନସିକ ଶକ୍ତି ଆବଶ୍ୟକ ହେଉଥିଲା, ତାହା ସମସ୍ତଙ୍କଠାରେ ଦେଖାଯାଉ ନଥିଲା । ଅତି ଦୁଃସାହସିକ ଲୋକ ପକ୍ଷରେହିଁ ଏହି ଦୁରୂହ କାର୍ଯ୍ୟରେ ହାତ ଦେବା ସମ୍ଭବ ହେଉଥିଲା । ରାମମୋହନ ନିଃସ୍ୱ ହୋଇ ଅତି ସାହସରେ

Digitized by srujanika@gmail.com

ପଦଯାତ୍ରା କରି ତିବ୍ବତରେ ପହଞ୍ଚିଥିଲେ । ସେଠାରେ ବୌଦ୍ଧମଠ-ମାନଙ୍କରେ ବହୁ ଗ୍ରନ୍ଥ ରକ୍ଷିତ ରହିଥିଲା । ରାମମୋହନ କେତୋଟି ପ୍ରସିଦ୍ଧ ମଠରେ ରହି ବୌଦ୍ଧଧର୍ମ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ । ବହୁ ବୌଦ୍ଧଧର୍ମ-ପଣ୍ଡିତଙ୍କ ସହିତ ଶାସ୍ତ୍ର ଆଲୋଚନା କରି ନିଜର ଜ୍ଞାନର ପରିସର ବୃଦ୍ଧି କରିଥିଲେ । କେତେକ ସ୍ଥାନରେ ବୌଦ୍ଧଭିକ୍ଷୁମାନଙ୍କ ସହିତ ଯୁକ୍ତିତର୍କ କରି ସେମାନଙ୍କର କେତୋଟି ଧର୍ମାନୁଷ୍ଠାନ ନ୍ୟାୟାନୁମୋଦିତ ନୁହେଁ ବୋଲି ନିର୍ଭୀକ ଭାବରେ ମତ ବ୍ୟକ୍ତ କରିଥିଲେ । ଏଥିରେ କେତେଜଣ ଧର୍ମାନ୍ଧ ଲୋକ ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ । ଏହି ବିପଦରେ ତିବ୍ବତର ନାରୀମାନେ ତାଙ୍କୁ ଆଶ୍ରୟ ଦେଇ ତାଙ୍କର ଜୀବନ ରକ୍ଷା କରିଥିଲେ । ସେମାନଙ୍କ ସାହାଯ୍ୟରେ ସେ ଗୋପନରେ ତିବ୍ବତ ତ୍ୟାଗ କରି ଘରକୁ ଫେରିଆସିଥିଲେ । ରାମମୋହନ ସ୍ତ୍ରୀଜାତିର ଏହି ଉପକାରକୁ ଜୀବନରେ ଭୁଲି ନ ଥିଲେ । ନିଜର କୃତଜ୍ଞତା ଜଣାଇବା ପାଇଁ ସେ ସମଗ୍ର ଜୀବନ ନାରୀଜାତିର କଲ୍ୟାଣପାଇଁ କାର୍ଯ୍ୟ କରିଥିଲେ । ରାୟଙ୍କର ପଦବ୍ରଜରେ ତିବ୍ବତ ଯାତ୍ରା କେବଳ ତାଙ୍କଭଳି ସାହସୀ ଓ ଶକ୍ତିଶାଳୀ ପୁରୁଷ ପକ୍ଷରେହିଁ ସମ୍ଭବ । ଜଣେ ଇଂରେଜ ଲେଖକ କହିଛନ୍ତି ଯେ, "ଯଦି ରାମମୋହନ ରାୟ ଆଉ କିଛି କାର୍ଯ୍ୟ ନ କରି ପାଇଥାଆନ୍ତେ, ତାହା ହେଲେ ମଧ୍ୟ ଏହି ଗୋଟିଏ କାର୍ଯ୍ୟ ପାଇଁ ସେ ବୀରପୁରୁଷ ବୋଲି କୀର୍ତ୍ତିତ ହୋଇ ପାରିଥାଆନ୍ତେ ।"

ସଂସାର ବନ୍ଧନ

ପୁତ୍ରର ଗୃହତ୍ୟାଗ ଦିନଠାରୁ ପିତା ଓ ମାତା ଅତି ମନଦୁଃଖରେ କାଳ ଅତିବାହିତ କରୁଥିଲେ । ତିବ୍ବତରୁ ଫେରିବା

Digitized by srujanika@gmail.com

ପରେ କିଛି ଦିନ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପ୍ରାୟ ଗୁରିବର୍ଷ ପରେ ରାମମୋହନ ସ୍ୱଗୃହକୁ ଫେରିଲେ । ସେତେବେଳେ ପିତା ଆନନ୍ଦରେ ଅଧୀର ହୋଇପଡ଼ିଲେ ଏବଂ ନିଜେ ନୂତନ ଜୀବନ ଲାଭ କଲା ଭଳି ସୁଖ ଅନୁଭବ କଲେ । ସଂସାର ବନ୍ଧନରେ ଆବଦ୍ଧ ନ ରଖିଲେ ପୁଅ ବିପଥଗାମୀ ହେବାର ଆଶଙ୍କା ଅଛି, ଏହା ଭାବି ପିତା ତାଙ୍କୁ ବିବାହ କରାଇ ଦେଲେ । ଅଳ୍ପକାଳ ମଧ୍ୟରେ ରାମମୋହନଙ୍କ ସ୍ତ୍ରୀଙ୍କର କାଳ ହୋଇଗଲା । ପିତାଙ୍କ ଆଦେଶକ୍ରମେ ସେ ପୁନର୍ବାର ବିବାହ କଲେ । ପ୍ରଥମ ବିବାହ ପରେ ତାଙ୍କର ଦୁଇଟି ଭାର୍ଯ୍ୟା ଥିବା ଜଣାଯାଏ । ସେତେବେଳେ ସମ୍ଭ୍ରାନ୍ତ ପରିବାରରେ ଏହାକୁ ସେତେ ଅନ୍ୟାୟ କାର୍ଯ୍ୟ ବୋଲି ସମାଜ ବିବେଚନା କରୁ‌ନ ଥିଲା ।

ପିତାପୁତ୍ରଙ୍କ ପୁନର୍ବାର ମନୋମାଳିନ୍ୟ

ଗୃହରେ ସପରିବାର କିଛି ଦିନ ଅବସ୍ଥାନ କରିବା ପରେ ରାମମୋହନ ଶାସ୍ତ୍ରଚର୍ଚ୍ଚାରେ ମନୋନିବେଶ କଲେ । ଆଲୋଚନା ପ୍ରସଙ୍ଗରେ ତାଙ୍କର ପରିମାର୍ଜିତ ଧର୍ମଜ୍ଞାନ ସ୍ୱମତର ଅନୁକୂଳ ନ ହେବାରୁ ପିତା ପୁନର୍ବାର ତାଙ୍କ ଉପରେ ବିରକ୍ତ ହେଲେ ଏବଂ ତାଙ୍କୁ ଗୃହରୁ ପୁନର୍ବାର ବହିଷ୍କାର କରିଦେଲେ । ରାମମୋହନ ସପରିବାର କାଶୀଧାମକୁ ଚାଲିଯାଇ ସେଠାରେ ସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା କଲେ । ଏହିଠାରେ ସେ ବାର ବର୍ଷ ଅବସ୍ଥାନ କଲେ । ଏହି ସମୟ ଭିତରେ ସେ ସଂସ୍କୃତ ଶାସ୍ତ୍ରର ଗଭୀର ଅନୁଶୀଳନ କରିଥିଲେ । ଏଠାରେ ତାଙ୍କର ଜ୍ୟେଷ୍ଠ ପୁତ୍ର ରାଧା ପ୍ରସାଦଙ୍କର ଜନ୍ମ ହୋଇଥିଲା । ସଂସାର-ଯାତ୍ରା ନିର୍ବାହ କରିବା ପାଇଁ ସେ ମହାଜନକରି ଚାକିରୀ କରି ଅର୍ଥ ଉପାର୍ଜନ କରୁଥିଲେ । ରାମକାନ୍ତ ପୁତ୍ରକୁ ଗୃହରୁ ବହିଷ୍କାର କରି ଦେଇଥିଲେହେଁ ତାଙ୍କ

Digitized by srujanika@gmail.com

ପ୍ରତି ସବୁବେଳେ ସଦୟ ଥିଲେ ଏବଂ ମମତାବନ୍ଧନକୁ ଏକାବେଳକେ ଛିନ୍ନ କରି ଦେଇ ନ ଥିଲେ । କାଶୀଧାମରେ ପରିବାରଙ୍କ ବ୍ୟୟ ନିର୍ବାହ ଉଦ୍ଦେଶ୍ୟରେ ସେ ପୁତ୍ରଙ୍କୁ କିଛି କିଛି ଅର୍ଥ ଦେଉଥିଲେ । ପିତାଙ୍କ କଠୋର ବ୍ୟବହାର ତାଙ୍କୁ ଯଥେଷ୍ଟ ଉତ୍ତ୍ୟକ୍ତ କରି ଦେଇଥିଲେ ମଧ୍ୟ ରାମମୋହନ ତାଙ୍କ ପ୍ରତି ଘୃଣାଭାବ ପୋଷଣ କରି ନଥିଲେ । ଯୁଗାନୁକୂଳ ରୀତିର ବଶବର୍ତ୍ତୀ ହୋଇ ପିତା ଏପରି କରିଥିବା ସେ ବୁଝିପାରିଥିଲେ ।

ଇଂରେଜୀ ଶିକ୍ଷା ଆରମ୍ଭ

କାଶୀରେ ଥିବା ସମୟରେ ସେ ଇଂରେଜୀ ଶିକ୍ଷା ଆରମ୍ଭ କଲେ । କିନ୍ତୁ ପରିବାରର ଭରଣ ପୋଷଣ ପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ହେଉଥିବାରୁ ସେ ଯଥେଷ୍ଟ ସମୟ ପାଉ ନ ଥିଲେ । ଫଳରେ ଇଂରେଜୀ ଶିକ୍ଷା ଆଶାନୁରୂପ ହେଉ ନ ଥିଲା । କେତେ ବର୍ଷ ସେ ନିୟମିତ ଭାବରେ ଇଂରେଜୀଶିକ୍ଷା କରିବା ପାଇଁ ଉପଯୁକ୍ତ ସୁବିଧା ପାଇ ନ ଥିଲେ । ତାଙ୍କ ପିତାଙ୍କ ମୃତ୍ୟୁ ଓ ତାଙ୍କର ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ଏହାର ପ୍ରଧାନ କାରଣ ଥିଲା ।

ସ୍ୱଗୃହକୁ ପ୍ରତ୍ୟାଗମନ: ମକଦ୍ଦମା

ରାମମୋହନ କାଶୀଧାମରେ ଥିବା ସମୟରେ ତାଙ୍କ ପିତାଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହେଲା । ସେ ରାମମୋହନ ଓ ତାଙ୍କ ପରିବାରଙ୍କୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ କଲେ । ରାମମୋହନ ସପରିବାର ସ୍ୱଗୃହକୁ ଫେରି ଆସି ପିତାଙ୍କୁ ଦର୍ଶନ କଲେ । ଏହା ପରେ ରାମକାନ୍ତଙ୍କର ଖ୍ରୀ ୧୮୦୩ ରେ ପରଲୋକ ହେଲା । ମୃତ୍ୟୁ

Digitized by srujanika@gmail.com

ପୂର୍ବରୁ ପିତା ତାଙ୍କର ତିନି ପୁତ୍ରଙ୍କୁ ନିଜର ଉତ୍ତରାଧିକାରୀ ମନୋନୀତ କରି ଯାଇଥିଲେ । ଏହି ଅନୁସାରେ ରାମମୋହନ ପୈତୃକ ସମ୍ପତ୍ତିର ଏକ ତୃତୀୟାଂଶ ପାଇବାର ହକଦାର ଥିଲେ । କିନ୍ତୁ ତାଙ୍କର ମାତା ଏଥିରେ ଆପତ୍ତି କଲେ । ରାମମୋହନ ପ୍ରଚଳିତ ହିନ୍ଦୁ ମତାନୁସାରେ ଚଳୁ ନ ଥିବା ଅଭିଯୋଗ କରି ସେ ପୈତୃକ ସମ୍ପତ୍ତିରୁ ଭାଗ ପାଇବାର ହକଦାର ନୁହନ୍ତି ବୋଲି ମାତା ମକଦ୍ଦମା କଲେ । ରାମମୋହନ ଅଦାଲତରେ ମାତାଙ୍କ ଅଭିଯୋଗକୁ ଖଣ୍ଡନ କରି ଯୁକ୍ତି କଲେ ଯେ, ସେ କେବେ ହିନ୍ଦୁ ଧର୍ମ ବିରୁଦ୍ଧରେ କିଛି କଥା କହି ନାହାନ୍ତି କିମ୍ବା ହିନ୍ଦୁଧର୍ମ ତ୍ୟାଗ କରି ନାହାନ୍ତି । କେବଳ ହିନ୍ଦୁଧର୍ମର ଯାହା ସାର ତାହା ସେ ଘୋଷଣା କରିଛନ୍ତି ମାତ୍ର । ଏହି ମକଦ୍ଦମାରେ ରାମମୋହନ ଜୟଲାଭ କରି ପୈତୃକ ସମ୍ପତ୍ତିରୁ ଭାଗ ପାଇଥିଲେ ।

ଏକାସନରେ ଏକ ଦିନରେ ରାମାୟଣ ପାଠ

ସ୍ୱଗୃହରେ ବାସ କରିବା ପରେ ରାମମୋହନ ପୁନର୍ବାର ଜ୍ଞାନାଲୋଚନାରେ ନିଜକୁ ନିଯୁକ୍ତ କଲେ । ଶାସ୍ତ୍ର ଅଧ୍ୟୟନ ଓ ଚର୍ଚ୍ଚାରେ ସେ ବେଶି ସୁଖ ଅନୁଭବ କରୁଥିଲେ । ଗ୍ରନ୍ଥପାଠ ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥିଲା । ସେ ଗ୍ରନ୍ଥ ଅଧ୍ୟୟନ କଲାବେଳେ ଏକାବେଳକେ ନିଜକୁ ପାଶୋରି ଦେଉଥିଲେ ଏବଂ ତାଙ୍କର ସମୟର ଜ୍ଞାନ ମଧ୍ୟ ରହୁନଥିଲା । ତାଙ୍କର ଜଣେ ଜୀବନୀ ଲେଖକ ରାମମୋହନଙ୍କର ଏକ ଦିନରେ ବାଲ୍ମୀକି ରାମାୟଣ ପାଠ ଘଟଣା ଏହିପରି ବର୍ଣ୍ଣନା କରିଛନ୍ତି – "ଦିନେ ସେ ପ୍ରାତଃସ୍ନାନ ପୂର୍ବକ ଗୋଟିଏ ନିର୍ଜ୍ଜନ ଗୃହରେ ବସି ସଂସ୍କୃତ ବାଲ୍ମୀକି ରାମାୟଣ ଅଧ୍ୟୟନ କରିବାକୁ ଲାଗିଲେ । ପୂର୍ବେ ସେ ଏହି ଗ୍ରନ୍ଥ ସମ୍ପୂର୍ଣ୍ଣ

Digitized by srujanika@gmail.com

ଭାବରେ ପାଠ କରି ନଥିଲେ । ସେଥିପାଇଁ ସେ ବିଶେଷ ଆଗ୍ରହ ସହିତ ଅଧ୍ୟୟନ ଆରମ୍ଭ କଲେ । ସକାଳ ଯାଇ ଦ୍ୱି ପ୍ରହର ହେଲା, ତେବେ ମଧ୍ୟ ପାଠ ସମାପ୍ତ ହେଲା ନାହିଁ । ପାଠ ଆରମ୍ଭ କରିବା ପୂର୍ବରୁ ସେ ପରିବାରର ସମସ୍ତଙ୍କୁ ନିଷେଧ କରି ଯାଇଥିଲେ ଯେ, କେହି ତାଙ୍କର ପାଠରେ ବ୍ୟାଘାତ ଘଟାଇବେ ନାହିଁ । ଆହାର ସମୟ ଉତ୍ତୀର୍ଣ୍ଣ ହୋଇ ଯିବାରୁ ପରିବାରର ସମସ୍ତେ ଉଦ୍‌ବିଗ୍ନ ହୋଇପଡ଼ିଲେ; ମାତ୍ର ତାଙ୍କର ତପସ୍ୟାରେ ବାଧା କରିବା ପାଇଁ କେହି ସାହସ କଲେ ନାହିଁ । ତୃତୀୟ ପ୍ରହର ଅତିବାହିତ ହୋଇଯିବାରୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଗମ୍ଭୀରର ଦ୍ୱାର ଟିକଏ ମେଲାଇ ଦେଲେ । ରାମମୋହନ ବନ୍ଧୁଙ୍କର ଉଦ୍ଦେଶ୍ୟ ବୁଝିପାରି ଆଉ କିଛି କ୍ଷଣ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଲେ । ସନ୍ଧ୍ୟା ସମୟରେ ତାଙ୍କର ପାଠ ଶେଷ ହେଲା । ସେ ପ୍ରାତଃକାଳରୁ ଆରମ୍ଭ କରି ଏକାମନରେ ଏକାଦିକ୍ରମେ ସପ୍ତକାଣ୍ଡ ବାଲ୍ମୀକି ରାମାୟଣର ପାଠ ସନ୍ଧ୍ୟା ପୂର୍ବା ଶେଷ କରି ପାରିଥିଲେ । ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତିହିଁ ଏହାର କାରଣ । କୌଣସିଠାରେ ଅର୍ଥବୋଧର ଅସୁବିଧାରେ ସେ ସମ୍ମୁଖୀନ ହୋଇ ନ ଥିବାରୁ ନଦୀର ସ୍ରୋତ ପରି ଅନର୍ଗଳ ପଢ଼ି ଚାଲିଯାଇଥିଲେ ।"

ସରକାରୀ ଚାକିରୀରୁ ଅବସର ଗ୍ରହଣ

କୁଟୁମ୍ବ ଭରଣପୋଷଣ ସକାଶେ ଅର୍ଥର ପ୍ରୟୋଜନ ହେଉଥିବାରୁ ରାମମୋହନ ଚାକିରି କରିବାପାଇଁ ମନ ବଳାଇଲେ । ସେତେବେଳେ ଜନ୍ ଡିଗ୍‌ବି (John Digby) ରଂପୁର ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟ୍ ଥିଲେ । ସେ ଜଣେ ବିଦ୍ୱାନ୍ ଓ ବିଦ୍ୟୋତ୍ସାହୀ ବ୍ୟକ୍ତି ଥିଲେ । ରାମମୋହନ ତାଙ୍କ ଅଧୀନରେ କିରାଣୀ ରୂପରେ ନିଯୁକ୍ତ

Digitized by srujanika@gmail.com

ହେଲେ । ସେତେବେଳକୁ ତାଙ୍କର ଇଂରେଜୀ ଭାଷାରେ ବେଶି ଦଖଲ ନଥିଲା । ଡିଗବି ସାହେବ ରାମମୋହନଙ୍କର ଅଗାଧ ପାଣ୍ଡିତ୍ୟ, ଗମ୍ଭୀର ପ୍ରକୃତି ଓ ଉଦାର ଧର୍ମଭାବ ଦେଖି ମୁଗ୍ଧ ହୋଇଯାଇଥିଲେ ଏବଂ ତାଙ୍କୁ ଉପଯୁକ୍ତ ଇଂରେଜୀ ଶିକ୍ଷା ଦେବାପାଇଁ ଉଦ୍ୟମ କଲେ । ନିଜେ ମଧ୍ୟ ବେଳେବେଳେ ଶିକ୍ଷା ଦେଉଥିଲେ । ବହୁ ସମୟ ରାୟଙ୍କ ସଙ୍ଗରେ ସେ ଆଲୋଚନା କରୁଥିଲେ ଏବଂ ଏଥିରେ ଅପାର ଆନନ୍ଦ ଉପଭୋଗ କରୁଥିଲେ । ଡିଗବି ସାହେବଙ୍କ ଉତ୍ସାହ ଫଳରେ ରାୟ ଇଂରେଜୀ ଶିକ୍ଷାରେ ମନୋନିବେଶ କଲେ ଏବଂ ଅଳ୍ପକାଳ ମଧ୍ୟରେ ଇଂରେଜୀ ଭାଷାରେ ଦକ୍ଷତା ହାସଲ କରିବାକୁ ସମର୍ଥ ହୋଇଥିଲେ । "ଉତ୍ସାହ ଓ ଅଧ୍ୟବସାୟହିଁ ପ୍ରତିଭାର ଜନ୍ମଦାତା । ରାମମୋହନ ରାୟ ଯେତେବେଳେ ଯେଉଁ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ, ସେତେବେଳେ ସେଥିରେ ମନପ୍ରାଣ ନିୟୋଗ କରି ସୁସିଦ୍ଧ କରିବାକୁ କୃତସଂକଳ୍ପ ହେଉଥିଲେ ।" ସେ ନିଜର ଅତୁଳ ଅଧ୍ୟବସାୟ ଓ ସାଧନା ବଳରେ ଅଠେଇଶି ବର୍ଷ ବୟଃକ୍ରମରେ ଏହି ବିଦେଶୀ ଭାଷା ଶିକ୍ଷା କରି ପାରଦର୍ଶିତା ଲାଭ କରିପାରିଥିଲେ । ଏହି ସମୟରେ ସେ ଇଂରେଜୀରେ କେତେଖଣ୍ଡ ଧର୍ମଗ୍ରନ୍ଥ ଅନୁବାଦ କରିଥିଲେ ।

ଗୁଣୀ ବ୍ୟକ୍ତି ଗୁଣର ଆଦର କରେ । ଡିଗବି ଓ ରାମମୋହନଙ୍କ ମଧ୍ୟରେ ପ୍ରଗାଢ଼ ବନ୍ଧୁତ୍ୱ ସ୍ଥାପିତ ହୋଇଥିଲା । ଡିଗ୍‌ବି ରାୟଙ୍କୁ ଅତି ପ୍ରୀତିପୂର୍ଣ୍ଣ ଚକ୍ଷୁରେ ଦେଖୁଥିଲେ ଏବଂ ବହୁ ବିଷୟରେ ତାଙ୍କର ପରାମର୍ଶ ନେଉଥିଲେ । ଡିଗ୍‌ବି ସାହେବ ଅବସର ଗ୍ରହଣ କରି ବିଲାତକୁ ପ୍ରତ୍ୟାଗମନ କରିବା ପରେ ମଧ୍ୟ ଉଭୟଙ୍କ ଭିତରେ ପତ୍ରାଳାପ ଚାଲିଥିଲା ।

Digitized by srujanika@gmail.com

ରାମମୋହନ ପ୍ରଥମ କଲେକ୍ଟରଙ୍କ କଚେରୀରେ ଦେୱାନ ବା ମେନେଜର ପଦକୁ ଉନ୍ନୀତ ହୋଇଥିଲେ । ସେତେବେଳେ ଭାରତୀୟମାନଙ୍କର ସର୍ବୋଚ୍ଚ ଚାକିରୀ ହେଲା ମେନେଜରଗିରି । ଏହି ସମ୍ମାନର ସ୍ଥାନ ଅଧିକାର କରି ରାମମୋହନ ଅତି ଦକ୍ଷତା ସହିତ ନିଜର କର୍ତ୍ତବ୍ୟ ପାଳନ କରୁଥିଲେ । ତାଙ୍କର ସହକର୍ମୀମାନେ ମଧ୍ୟ ତାଙ୍କୁ ଅତି ଆଦର ଓ ସମ୍ମାନ କରୁଥିଲେ । ରଂପୁର ଓ ରାମଗଡ଼ ଏହି ଦୁଇ ଜିଲ୍ଲାରେ ଦଶ ବର୍ଷ କାର୍ଯ୍ୟ କରିବାପରେ ସେ ଅବସର ଗ୍ରହଣ କରିଥିଲେ ।

ରଘୁନାଥପୁର ନିବାସ

ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରି ରାମମୋହନ ସ୍ୱଗ୍ରାମକୁ ଫେରିଆସିଲେ । ସେଠାରେ ସେ କିଛି ସମୟ ଅବସ୍ଥାନ କଲେ । ତାଙ୍କ ମାତାଙ୍କଠାରୁ ସଦ୍‌ଭାବ ବ୍ୟବହାର ନ ପାଇବାରୁ ରାମମୋହନ ଗ୍ରାମ ତ୍ୟାଗ କରି ଅନ୍ୟତ୍ର ଗୃହନିର୍ମାଣ କରିବାକୁ ସ୍ଥିର କଲେ । କୃଷ୍ଣନଗର ସମ୍ପତ୍ତି ମାତାଙ୍କ ଅଧୀନରେ ଥିଲା । ସେ ରାମମୋହନଙ୍କୁ ଗୃହ ନିର୍ମାଣ ନିମନ୍ତେ ସ୍ଥାନ ଦେବାପାଇଁ ଅସମ୍ମତ ହେବାରୁ ରାମମୋହନ ରଘୁନାଥପୁର ନାମକ ଏକ କ୍ଷୁଦ୍ର ପଲ୍ଲୀରେ ଶ୍ମଶାନଭୂମି ନିକଟରେ ଗୃହ ନିର୍ମାଣ କରି ସେଠାରେ ସପରିବାର ବାସ କଲେ ।

ଚତୁର୍ଥ ପରିଚ୍ଛେଦ

ସଂସ୍କାରକ-ସମାଜସେବକ ରାମମୋହନ

ରଘୁନାଥପୁରରେ କିଛି କାଳ ରହିବା ପରେ ଖ୍ରୀ: ୧୮୧୪ରେ ରାମମୋହନ କଲିକତାର ସର୍କୁଲର୍ ରୋଡ଼୍‌ରେ ଗୋଟିଏ

Digitized by srujanika@gmail.com

ଅଟ୍ଟାଳିକା କ୍ରୟ କରି ସେଠାରେ ସପରିବାର ବାସ କଲେ । ସେତେବେଳକୁ ତାଙ୍କର ବୟସ ଚାଳିଶି । କଲିକତାରେ ତାଙ୍କର ବହୁ ପରିଚିତ ବ୍ୟକ୍ତି ଥିଲେ । ସରକାରୀ ଉଚ୍ଚ ହାକିମମାନଙ୍କ ଭିତରୁ ବହୁ ଲୋକ ତାଙ୍କୁ ଆଦର ଓ ସମ୍ମାନ କରୁଥିଲେ । ଉଦାର ଧର୍ମଭାବ ଯୋଗୁଁ ତାଙ୍କୁ ଗୃହ ବିତାଡ଼ନ ଦଣ୍ଡ ଭୋଗ କରିବାକୁ ହୋଇଥିଲା ବୋଲି ସମସ୍ତେ ଜାଣିଥିଲେ । ବିଶେଷତଃ ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକେ ଭାବିଥିଲେ ଯେ, ଖ୍ରୀଷ୍ଟଧର୍ମର ପ୍ରଭାବ ତାଙ୍କ ଉପରେ ପଡ଼ିଅଛି ଏବଂ ସେ ସେଥିପ୍ରତି ଆକୃଷ୍ଟ ହୋଇଥିଲେ । ଏହି ଧାରଣାର ବଶବର୍ତ୍ତୀ ହୋଇ କେତେ କେତେ ଖ୍ରୀଷ୍ଟୀୟ ୟୁରୋପୀୟ ବନ୍ଧୁ ତାଙ୍କୁ ଖ୍ରୀଷ୍ଟଧର୍ମାବଲମ୍ବୀ ହେବା ପାଇଁ ପରାମର୍ଶ ଦେଉଥିଲେ; କିନ୍ତୁ ରାମମୋହନ ଏଥିରେ କର୍ଣ୍ଣପାତ କରି ନ ଥିଲେ ।

ଆତ୍ମୀୟ ସଭା ସ୍ଥାପନ

ହିନ୍ଦୁ ସମ୍ପ୍ରଦାୟରୁ ଅଜ୍ଞତା ଓ କୁସଂସ୍କାର ଦୂର କରି ସାମାଜିକ ଜୀବନକୁ ନିର୍ମଳ ଓ ଉଜ୍ଜ୍ୱଳ କରିବା ତାଙ୍କର ଲକ୍ଷ୍ୟ ଥିଲା । ସେ ପ୍ରକୃତ ପକ୍ଷେ ସଂସ୍କାରପ୍ରୟାସୀ ଥିଲେ ଏବଂ ଏହି ଉଦ୍ଦେଶ୍ୟରେ ନିଜର ଜ୍ଞାନକୁ ପରିମାର୍ଜିତ କରିଥିଲେ । ଗୃହକଳି ଓ ସ୍ୱ କୁଟୁମ୍ବର ଜଞ୍ଜାଳ ଭିତରେ ରହି ଏ ପର୍ଯ୍ୟନ୍ତ ସେ ଏହି କ୍ଷେତ୍ରରେ କିଛି ଅଗ୍ରସର ହୋଇ ପାରୁ ନଥିଲେ । ବର୍ତ୍ତମାନ ଅବସର ନେବା ଏବଂ କଲିକତାରେ ସ୍ଥାୟୀ ଭାବରେ ରହିବା ପରେ ତାଙ୍କୁ ଉପଯୁକ୍ତ ସୁବିଧା ମିଳିଲା । ସେ ନିଜର ପରିକଳ୍ପନା ଓ ମତକୁ ସର୍ବସାଧାରଣରେ ପ୍ରଚାର କରିବା ପାଇଁ ଉଦ୍ୟମ ଆରମ୍ଭ କଲେ । ଖ୍ରୀ: ୧୮୧୫ ରେ ଧର୍ମତତ୍ତ୍ୱ ଆଲୋଚନା ଉଦ୍ଦେଶ୍ୟରେ "ଆତ୍ମୀୟ

Digitized by srujanika@gmail.com

ସଭା” ନାମରେ ଗୋଟିଏ ସଭା ପ୍ରତିଷ୍ଠା କଲେ । ପ୍ରତି ସପ୍ତାହରେ ଏହି ସଭାର ଅଧିବେଶନ ହୋଇ ନାନା ଧର୍ମତତ୍ତ୍ୱ ସମ୍ବନ୍ଧରେ ଆଲୋଚନା ହେଉଥିଲା । ରାମମୋହନ ଏଥିରେ ଯୋଗ ଦେଉଥିଲେ । କଲିକତାର ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଯୋଗ ଦେଉଥିଲେ । ସେ ବିଷୟ ନିର୍ବାଚନ କରିବାଠାରୁ ଆରମ୍ଭ କରି ତର୍କବିତର୍କ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଘନିଷ୍ଠ ଭାବରେ ମଗ୍ନ ରହୁଥିଲେ । ଏହି “ଆତ୍ମୀୟ ସଭା”ରୁ ନାନା ସଂସ୍କାର ଓ ଉନ୍ନତିମୂଳକ କାର୍ଯ୍ୟର ସୂତ୍ରପାତ ହୋଇଥିଲା ।

ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ସଂସ୍କାର

ଦେଶରେ ଲୋକଙ୍କ ଭିତରେ ଶିକ୍ଷାର ଅଭାବ ଦୂର କରି ସ୍ତ୍ରୀଶିକ୍ଷାର ପ୍ରଚଳନ, ସତୀଦାହ ପ୍ରଥା ନିବାରଣ, ବିଧବାର ସ୍ୱାମୀ ସମ୍ପତ୍ତିରେ ଅଧିକାର ଲାଭ ଆଦି ବିଷୟ ଏଥିରେ ଆଲୋଚିତ ହେଉଥିଲା ଏବଂ ସେ କର୍ମରେ ମଧ୍ୟ ଏହାକୁ ସଫଳ କରିବା ପାଇଁ ଲୋକ ଓ ସରକାରଙ୍କଠାରେ ଦାବୀ କରୁଥିଲେ ।

ସେତେବେଳେ ହିନ୍ଦୁ ସମାଜରେ ଅଜ୍ଞତା ଓ କୁସଂସ୍କାର ବ୍ୟାପିଯାଇ ଲୋକଙ୍କୁ ନିର୍ଜୀବ କରି ଦେଉଥିଲା । ଲୋକେ ଯେପରି ହିନ୍ଦୁଧର୍ମର ପ୍ରକୃତ ମର୍ମ ବୁଝିପାରିବେ ଏବଂ ସମାଜ ମଧ୍ୟରେ ପ୍ରକୃତ ମହତ୍ତ୍ୱ ଧର୍ମ ପ୍ରତିଷ୍ଠିତ ହେବ, ସେ ବିଷୟରେ ମଧ୍ୟ ସଭାରେ “ଆତ୍ମୀୟ” ଆଲୋଚନା ହେଉଥିଲା ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମାଜ ମଧ୍ୟରେ ଘନିଷ୍ଠ ଭାବରେ ଭାବର ଆଦାନ ପ୍ରଦାନ କିପରି ହେବ ଓ ବୃଦ୍ଧି ପାଇବ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା ହେଉଥିଲା । ପ୍ରାଚ୍ୟ ସମାଜର ସବୁ ମନ୍ଦ ଓ ପାଶ୍ଚାତ୍ୟ ସମାଜର ସବୁ ଭଲ—ଏହି ଧାରଣା ଉଭୟ ସମ୍ପ୍ରଦାୟରୁ ଯେପରି

Digitized by srujanika@gmail.com

ଲୋପ ପାଏ, ସେଥିପ୍ରତି ସେ ଚେଷ୍ଟା କରୁଥିଲେ । ପାଶ୍ଚାତ୍ୟ ସମାଜର ମହତ୍ ଗୁଣଗୁଡ଼ିକ ଗ୍ରହଣ କରି ଉନ୍ନତିପଥରେ ଅଗ୍ରସର ହେବାକୁ ସେ ଲୋକଙ୍କୁ ପରାମର୍ଶ ଦେଉଥିଲେ । ଏହି ବିଷୟରେ ବହୁବାର ଆଲୋଚନା ହେଉଥିଲା ।

ଇଂରେଜ ଶାସକମାନେ ସେ ସମୟ ପର୍ଯ୍ୟନ୍ତ ଭାରତର ଲୋକମାନଙ୍କୁ ଉପଯୁକ୍ତ ଶିକ୍ଷା କିମ୍ବା ରାଜନୈତିକ ଅଧିକାର ଦେବା ପାଇଁ ଇଚ୍ଛା ପ୍ରକାଶ କରୁ ନଥିଲେ । ରାଜନୈତିକ ଅଧିକାର ନ ଦେଲେ ଲୋକମାନେ ଶାସନ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ସମ୍ଭବ ନ ଥିବାରୁ ଦେଶର କିଛି ଉଲ୍ଲେଖଯୋଗ୍ୟ ଉନ୍ନତି ହୋଇପାରୁନାହିଁ ବୋଲି ସେ କହୁଥିଲେ । ବହୁ ଇଂରେଜ ଶାସକ ଭାରତବାସୀଙ୍କୁ ପଶୁ ତୁଲ୍ୟ ବିବେଚନା କରି ହେୟ ଜ୍ଞାନ କରୁଥିଲେ । ଏହା ଭାରତୀୟମାନଙ୍କ ଆତ୍ମମର୍ଯ୍ୟାଦା ଉପରେ ବ୍ୟାଘାତ ଘଟାଉଥିଲା ଏବଂ ଶିକ୍ଷିତଲୋକେ ଏଥିରେ ମର୍ମନ୍ତୁଦ ବେଦନା ଅନୁଭବ କରୁଥିଲେ । ଭାରତୀୟମାନଙ୍କର ନ୍ୟାଯ୍ୟ ଅଧିକାରକୁ ସ୍ୱୀକାର କରିବା ଦ୍ୱାରା ଇଂରେଜ ଶାସକମାନଙ୍କର ଗୌରବ ବୃଦ୍ଧି ହେବ ବୋଲି ସେ ଯୁକ୍ତି କରୁଥିଲେ ।

ରାମମୋହନ ରାୟ ଏହିସବୁ ବିଷୟ କିପରି କାର୍ଯ୍ୟରେ ପରିଣତ ହେବ ସେ ସମ୍ବନ୍ଧରେ କାୟମନୋବାକ୍ୟରେ କାର୍ଯ୍ୟ କରୁଥିଲେ । ସେ ଏଥିରେ ସବୁବେଳେ ନିଜର ସମସ୍ତ ଶକ୍ତି ନିୟୋଗ କରି ଲିପ୍ତ ରହୁଥିଲେ ।

ବ୍ରହ୍ମଧର୍ମର ସୂତ୍ରପାତ

ହିନ୍ଦୁମାନଙ୍କର ଜ୍ଞାନ ଓ ଧର୍ମର ଭଣ୍ଡାର ବେଦ ଓ ଉପନିଷଦ ପ୍ରତି ରାୟଙ୍କର ପ୍ରଗାଢ଼ ଶ୍ରଦ୍ଧା ଥିଲା । ସେ ଏହି ଗ୍ରନ୍ଥମାନ

Digitized by srujanika@gmail.com

ଅଧ୍ୟୟନ କରିବାରେ ବହୁ ସମୟ ଅତିବାହିତ କରୁଥିଲେ । ଏଥିରେ ଜୀବନର ଯେଉଁ ଅମୂଲ୍ୟ ସମ୍ପଦରାଜି ନିହିତ ଅଛି, ତାହା ପାଶ୍ଚାତ୍ୟ ଦେଶୀୟ ଲୋକମାନେ ଜାଣିବାଦ୍ୱାରା ସେମାନଙ୍କର ଜ୍ଞାନ ବୃଦ୍ଧି ପାଇବ ବୋଲି ସେ କହୁଥିଲେ । ଏହି ଉଦ୍ଦେଶ୍ୟରେ ସେ କେତେ ଖଣ୍ଡ ଗ୍ରନ୍ଥ ଇଂରେଜୀରେ ଅନୁବାଦ କରି ପ୍ରଚାର କରିଥିଲେ । ବଙ୍ଗଳା ଓ ଇଂରେଜୀ ଭାଷାରେ ବେଦାନ୍ତ ସୂତ୍ରକୁ ଅନୁବାଦ କରି ସେ ଉଭୟ ସମ୍ପ୍ରଦାୟର ଉନ୍ନତିକଳ୍ପେ ପ୍ରଚାର କରିଥିଲେ ।

ଖ୍ରୀଷ୍ଟଧର୍ମର ଶ୍ରେଷ୍ଠ ଗ୍ରନ୍ଥ ବାଇବେଲ ପ୍ରଥମେ ହିବ୍ରୁ ଭାଷାରେ ଲିଖିତ ହୋଇଥିଲା । ମୂଳ ଭାଷାରେ ଏହି ଗ୍ରନ୍ଥଟିକୁ ଅଧ୍ୟୟନ କରିବା ଲକ୍ଷ୍ୟରେ ସେ ହିବ୍ରୁ ଭାଷା ଶିକ୍ଷାକଲେ । ଛଅ ମାସ ଭିତରେ ଗ୍ରନ୍ଥ ପାଠ କରି ତାର ମର୍ମ ଉପଲବ୍ଧି କରିବାକୁ ରାମମୋହନ ସମର୍ଥ ହୋଇପାରିଥିଲେ । ପୂର୍ବରୁ ସଂସ୍କୃତରେ ପାଣ୍ଡିତ୍ୟ ଲାଭ କରି ହିନ୍ଦୁଧର୍ମର ଶ୍ରେଷ୍ଠ ଗ୍ରନ୍ଥଗୁଡ଼ିକ ଅଧ୍ୟୟନ କରିବାକୁ ସେ ସମର୍ଥ ହୋଇଥିଲେ । ଆରବୀ ଭାଷା ଶିକ୍ଷା କରି ମୁସଲମାନମାନଙ୍କର ଶ୍ରେଷ୍ଠ ଗ୍ରନ୍ଥ କୋରାନ୍ ମଧ୍ୟ ଅଧ୍ୟୟନ କରିଥିଲେ । ଏହି ତିନି ପ୍ରଧାନ ଧର୍ମର ପ୍ରଧାନ ପ୍ରଧାନ ଗ୍ରନ୍ଥଗୁଡ଼ିକୁ ମୂଳ ଭାଷାରେ ଅଧ୍ୟୟନ କରି ଏବଂ ସେହି ସେହି ଭାଷାର ପଣ୍ଡିତ ଓ ଧର୍ମଗୁରୁମାନଙ୍କ ସହିତ ଆଲୋଚନା କରି ସେ ଏହି ସବୁ ଧର୍ମର ସାର ମର୍ମ ସମ୍ବନ୍ଧରେ ସ୍ପଷ୍ଟ ଧାରଣା କରି ପାରିଥିଲେ । ଏହି ସବୁ ଧର୍ମଗ୍ରନ୍ଥ ଏକେଶ୍ୱରବାଦ ପ୍ରଚାର କରି ଏକ ଈଶ୍ୱରଙ୍କୁ ଉପାସନା କରିବା ବିଷୟହିଁ ପ୍ରତିପାଦନ କରନ୍ତି ବୋଲି ରାମମୋହନ ମତ ବ୍ୟକ୍ତ କରିଥିଲେ । ଏକେଶ୍ୱରବାଦୀ ୟୁନିଟେରିୟାନ୍ ଧର୍ମ ପ୍ରତି ସେ ଆକୃଷ୍ଟ ହୋଇଥିଲେ । ଏହି ୟୁନିଟେରିୟାନ୍ ଧର୍ମାବଲମ୍ବୀମାନେ ଏକମାତ୍ର ପରମେଶ୍ୱରଙ୍କୁହିଁ ଉପାସନା କରୁଥିଲେ ଏବଂ ଯିଶୁ ଖ୍ରୀଷ୍ଟଙ୍କୁ ଜଗତର

Digitized by srujanika@gmail.com

ଶ୍ରେଷ୍ଠତମ ବ୍ୟକ୍ତି ବୋଲି ବିଶ୍ୱାସ କରୁଥିଲେ; କିନ୍ତୁ ତାହାଙ୍କୁ ଏକମାତ୍ର ପରିତ୍ରାତା ବୋଲି ସ୍ୱୀକାର କରୁ ନଥିଲେ । ଏହି ଦେଶରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଗିର୍ଜାରେ ଉପାସନା କରୁଥିଲେ ୟୁନିଟେରିୟାନ୍ ଖ୍ରୀଷ୍ଟିୟାନଙ୍କର ଏଠାରେ କୌଣସି ଉପାସନାଳୟ ନ ଥିଲା । କେତେଜଣ ଇଂରେଜ ରାଜକର୍ମଚାରୀ ଏଥିରେ ଦୀକ୍ଷିତ ହୋଇଥିଲେ । ଏମାନଙ୍କ ସହିତ ରାମମୋହନ ସହଯୋଗ କରି 'ହରକରା' ନାମକ ଇଂରେଜୀ ସମ୍ବାଦପତ୍ର ଅଫିସ ଗୃହରେ ଉପାସନାଳୟ ପ୍ରତିଷ୍ଠା କରିଥିଲେ । ଏଥିରେ ବିଖ୍ୟାତ ଶିକ୍ଷାବିଦ୍ ଆଡାମ ସାହେବ ଅଗ୍ରଣୀ ଥିଲେ ।

"ଏହି ନୂତନ ଉପାସନା ପଦ୍ଧତି ଦେଖିବା ନିମନ୍ତେ ଅନେକ ଲୋକ ସମବେତ ହେଉଥିଲେ । ରାମମୋହନ ରାୟ ତାଙ୍କର ପୁତ୍ର ଓ କେତେଜଣ ବନ୍ଧୁଙ୍କ ସହିତ ଆଡାମ୍ ସାହେବଙ୍କର ଉପାସନାଳୟକୁ ଗମନ କରୁଥିଲେ । ଦିନେ ସଭାର କାର୍ଯ୍ୟ ଶେଷ ହେବାପରେ ତାରାଚାନ୍ଦ ଚକ୍ରବର୍ତ୍ତୀ ନାମକ ଜଣେ ବ୍ୟକ୍ତି ରାମମୋହନ ରାୟଙ୍କୁ କହିଲେ, "ଆମ୍ଭେମାନେ ୟୁନିଟେରିୟାନ୍-ମାନଙ୍କର ଉପାସନାଳୟକୁ କାହିଁକି ଯିବା, ଆମ୍ଭେମାନେ କି ପରମେଶ୍ୱରଙ୍କ ଉପାସନା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଉପାସନାଳୟ ସଂସ୍ଥାପନ କରିପାରିବା ନାହିଁ ?" ତାରାଚାନ୍ଦଙ୍କ କଥା ରାମମୋହନ ରାୟଙ୍କ ମନକୁ ବିଶେଷ ଭାବରେ ଆକର୍ଷଣ କରିଥିଲା । ଏହି ପ୍ରସ୍ତାବଟି କାର୍ଯ୍ୟରେ ପରିଣତ କରିବା ନିମନ୍ତେ ସେ ନିଜ ଗୃହରେ ଗୋଟିଏ ସଭା ଆହ୍ୱାନ କଲେ । ସଭାରେ ପ୍ରସ୍ତାବିତ ବିଷୟ ସ୍ୱୀକୃତ ହେଲା ପରେ କଲିକତାର ଚିତ୍ପୁର ରୋଡ଼ସ୍ଥ ଶ୍ରୀଯୁକ୍ତ କମଳକୃଷ୍ଣ ବସୁଙ୍କ ଗୃହରେ ଖ୍ରୀ: ୧୮୨୮ ଅଗଷ୍ଟ ତା ୨୦ ରିଖରେ

Digitized by srujanika@gmail.com

ରାମମୋହନ ରାୟ କେତେ ଜଣ ବନ୍ଧୁଙ୍କୁ ନେଇ ବ୍ରହ୍ମୋପାସନାର ସୂତ୍ରପାତ କଲେ ।

ପ୍ରତି ଶନିବାରର ଦିନ ସାୟଂକାଳରେ ସଭାର କାର୍ଯ୍ୟ ହେଉଥିଲା । ଦୁଇ ଜଣ ତେଲଗୁ ବ୍ରାହ୍ମଣ ବେଦ ପାଠ କରୁଥିଲେ; ଉତ୍ସବାନନ୍ଦ ବିଦ୍ୟାବାଗୀଶ ଉପନିଷଦ ପାଠ କରୁଥିଲେ ଏବଂ ରାମଚନ୍ଦ୍ର ବିଦ୍ୟାବାଗୀଶ ଶ୍ଳୋକର ବ୍ୟାଖ୍ୟା କରୁଥିଲେ । ଅବଶେଷରେ ବାଦ୍ୟଯନ୍ତ୍ର ସହକାରେ ସଂସ୍କୃତ ଓ ବଙ୍ଗଳା ସଙ୍ଗୀତ ଗାନ ହେବା ପରେ ସଭାକାର୍ଯ୍ୟଭଙ୍ଗ ହେଉଥିଲା ।”

ଉପାସନା ସଭାର କାର୍ଯ୍ୟ ସମ୍ବନ୍ଧରେ ଲୋକେ କ୍ରମେ ଆଗ୍ରହ ପ୍ରକାଶ କରିବାକୁ ଲାଗିଲେ । ସଭାରେ ଲୋକସଂଖ୍ୟା ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ଉପନିଷଦ ଓ ବେଦ ଉପରେ ପଣ୍ଡିତ-ମାନଙ୍କ ବ୍ୟାଖ୍ୟାନ ଶୁଣି ଶ୍ରୋତାମାନେ ମୁଗ୍ଧ ହୋଇ ଯାଉଥିଲେ । ଶ୍ରୋତାମାନଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇବାରୁ ରାମମୋହନ କଲିକତା ସହରର ଯୋଡ଼ାସାଙ୍କୋରେ ଖଣ୍ଡେ ଜମି କିଣି ତା ଉପରେ ଏକ କୋଠା ନିର୍ମାଣ କରିଦେଲେ । ଖ୍ରୀ: ୧୮୨୯ ଜାନୁଆରୀ ତା ୨୩ ତାରିଖରେ ଏ କୋଠାଟି ବ୍ରାହ୍ମ ସମାଜର ମନ୍ଦିର ରୂପେ ପ୍ରତିଷ୍ଠିତ ହେଲା ।

ରାମମୋହନ ଏହି ନୂତନ ବ୍ରହ୍ମଧର୍ମକୁ ଉଦାର ଭିତ୍ତିରେ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରୁଥିଲେ । ସେ ନିଜେ ବିଭିନ୍ନ ସମ୍ପ୍ରଦାୟର ମୂଳ ଧର୍ମଗ୍ରନ୍ଥକୁ ଅନୁଶୀଳନ କରି ବୁଝିପାରିଥିଲେ ଯେ, ଭଗବାନ ଏକ, ସବୁଧର୍ମ ଶାସ୍ତ୍ରରେ ଭଗବାନଙ୍କ ସତ୍ତା ସ୍ୱୀକୃତ ହୋଇଛନ୍ତି । ସମଗ୍ର ମାନବ ସମାଜକୁ ଭଗବାନଙ୍କ ସନ୍ତାନ, ସନ୍ତତି ବୋଲି ଜାଣି ସମସ୍ତଙ୍କୁ ସମାନ ଭାବରେ ଶ୍ରଦ୍ଧା କରିବା କର୍ତ୍ତବ୍ୟ । ଭଗବାନଙ୍କ ସୃଷ୍ଟିରେ ସବୁ ଜୀବ ସମାନ । ସବୁ ଧର୍ମଶାସ୍ତ୍ରରେ ମାନବ

Digitized by srujanika@gmail.com

ଜାତିର କଲ୍ୟାଣ ଚିନ୍ତା ପ୍ରଦର୍ଶିତ ହୋଇଛି । ଏହିପରି ଭାବରେ ଉଦାର ଦୃଷ୍ଟିକୋଣରୁ ଦେଖି ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ସେଥିପାଇଁ ସେ ସବୁଧର୍ମର ଶାସ୍ତ୍ରଗ୍ରନ୍ଥକୁ ସମାନ ଭାବରେ ଦେଖୁଥିଲେ ଏବଂ ସମସ୍ତଙ୍କୁ ସମଭାବରେ ଆଦର କରି ମର୍ଯ୍ୟାଦା ଦାନ କରୁଥିଲେ । ଏହି କାରଣରୁ ହିନ୍ଦୁମାନେ ତାଙ୍କୁ ହିନ୍ଦୁ, ମୁସଲମାନମାନେ ତାଙ୍କୁ ମୁସଲମାନ ଓ ଖ୍ରୀଷ୍ଟିୟାନ୍‌ମାନେ ତାଙ୍କୁ ଖ୍ରୀଷ୍ଟିୟାନ୍ ବୋଲି ଭାବୁଥିଲେ । ଏହା ତାଙ୍କର ମହତ୍ ଗୁଣ ଓ ଉଦାର ମନୋଭାବର ନିଦର୍ଶନ ।

—o—

ପଞ୍ଚମ ପରିଚ୍ଛେଦ

ରାୟଙ୍କ ସାମ୍ୟଦୃଷ୍ଟି, ଉଦାର ହୃଦୟତା

(୧) ବଡ଼ସାନ ପ୍ରତି ସମାନ ବ୍ୟବହାର

ପ୍ରତ୍ୟେକ ମାନବ ଭଗବାନଙ୍କ ସନ୍ତାନ ବୋଲି ସେ ଭାବୁଥିଲେ ଏବଂ ସେହି କାରଣରୁ ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖୁଥିଲେ । ସାଧାରଣତଃ ବଡ଼ ଲୋକମାନେ କିମ୍ବା ଉଚ୍ଚ ସରକାରୀ ହାକିମମାନେ ଅପେକ୍ଷାକୃତ ଅଳ୍ପ ପ୍ରତିପତ୍ତି ଥିବା ଲୋକଙ୍କୁ ସେତେ ସମ୍ମାନ କରୁ ନଥିବା ଦେଖାଯାଏ; କିନ୍ତୁ ରାମମୋହନଙ୍କଠାରେ ଏହି ଭାବ କେବେ ଦେଖା ଦେଇ ନଥିଲା । ନିଜ ଚାକର, କୁଲି ମଜୁରିଆ ପ୍ରଭୃତି ସବୁଶ୍ରେଣୀର ଲୋକଙ୍କ ସଙ୍ଗରେ ସେ ସମାନ ଭାବରେ ସେମାନଙ୍କୁ ବ୍ୟବହାର କରୁଥିଲେ ଏବଂ ଯଥୋଚିତ ସମ୍ମାନ ଦେଉଥିଲେ । ଧନୀ ଓ ଦରିଦ୍ର ଉଭୟଙ୍କ ପାଇଁ ତାଙ୍କଦ୍ୱାର ଉନ୍ମୁକ୍ତ ଥିଲା ।

Digitized by srujanika@gmail.com

ବଡ଼ ଓ ସାନ, ଧନୀ ଓ ଦରିଦ୍ର ସବୁ ଶ୍ରେଣୀର ଲୋକ ତାଙ୍କ ସହିତ ଦେଖା କରିବାକୁ ଆସି ତାଙ୍କର ସତ୍ ପରାମର୍ଶ ନେଉ ଥିଲେ । ସେ ସମସ୍ତଙ୍କୁ ସମାନଭାବରେ ଆଦର ଅଭ୍ୟର୍ଥନା କରୁଥିଲେ । ଥରେ ବର୍ଦ୍ଧମାନର ମହାରାଜା ତାଙ୍କୁ ଦେଖା କରିବାକୁ ଆସିଥିଲେ । ସେହି ସମୟରେ ତାଙ୍କର ଜଣେ ଗରିବ ବନ୍ଧୁ ମଧ୍ୟ ଦେଖା କରିବାକୁ ଆସିଥିଲେ । ରାମମୋହନ ଉଭୟଙ୍କୁ ସମାନଭାବରେ ସମ୍ମାନ ପ୍ରଦର୍ଶନ କରିଥିଲେ ।

ଶିଶୁମାନଙ୍କ ପ୍ରତି ସ୍ନେହ

ସେ ଅତି ସରଳ ପ୍ରକୃତିର ମନୀଷୀ ଥିବାରୁ ପଣ୍ଡିତମାନଙ୍କ ସଙ୍ଗରେ ଶାସ୍ତ୍ରାଲୋଚନାରେ ଯେପରି ଭାବରେ ଆନନ୍ଦ ଉପଭୋଗ କରୁଥିଲେ, ଛୋଟ ଛୋଟ ବାଳକମାନଙ୍କ ସହିତ ଖେଳିବାରେ ମଧ୍ୟ ସେହିପରି ଆନନ୍ଦ ଉପଭୋଗ କରୁଥିଲେ । ସାମାନ୍ୟ ଲୋକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାରେ ସେ କେବେ ପଶ୍ଚାତ୍‌ପଦ ହେଉ ନଥିଲେ । ଛୋଟ ବଡ଼ ବହୁ ପ୍ରକାର କାର୍ଯ୍ୟ ସେ ଅକୁଣ୍ଠିତ ଚିତ୍ତରେ କରିପାରୁଥିଲେ । ଥରେ ବଡ଼ବଜାର ରାସ୍ତାବାଟେ ରାମମୋହନ ଯାଉଥିଲେ । ଜଣେ ମୋଟିଆ ମୁଣ୍ଡ ଉପରକୁ ବୋଝ ଉଠାଇ ନ ପାରି ହଇରାଣ ହେଉଥିଲା । ରାମମୋହନ ନିଜେ ବୋଝଟିକୁ ଟେକି ତାର ମୁଣ୍ଡ ଉପରେ ଥୋଇଦେଲେ ।

ବାଳକମାନଙ୍କୁ ସେ ବହୁତ ଆଦର କରୁଥିଲେ । ତାଙ୍କ ଘରେ ଗୋଟିଏ ଦୋଳ ଥାଏ । ପିଲାମାନେ ସେଠାରେ ଉପସ୍ଥିତ ହୋଇ ରାମମୋହନଙ୍କ ସହିତ ଖେଳନ୍ତି । ରାମମୋହନ ସେମାନଙ୍କୁ ଆଗେ ଦୋଳରେ ବସାଇ ଦୋହଲାନ୍ତି । ପରେ ପିଲାମାନଙ୍କୁ କହନ୍ତି, "ଏଥର ମୋ ପାଳି ପଡ଼ିଲା, ମୁଁ ବସିବି, ତୁମେ ଦୋହଲାଅ ।"

Digitized by srujanika@gmail.com

ଏଥିରେ ସେ ଖୁବ୍ ଆନନ୍ଦ ଉପଭୋଗ କରୁଥିଲେ । ଥରେ ଏପରି ଦୋଳିରେ ପଡ଼ୁଥିବା ବେଳେ ତାଙ୍କର ଜଣେ ବନ୍ଧୁ ଦେଖି ଉପହାସ ଛଳରେ କିଛି କହିଲେ । ରାମମୋହନ ମଧ୍ୟ ହସି ହସି କହିଲେ, "ବିଲାତ ଯିବାକୁ ଇଚ୍ଛା କରିଛି । ଜାହାଜ ସମୁଦ୍ରରେ ଚାଲୁଥାଏ ଏବଂ ଦେହ ଦୋହଲିଯାଏ । ସେ ଅନୁଭୂତିଟା ଆଗରୁ ଏଠାରେ ଜାଣି ନେଉଛି । ଜାହାଜରେ ବସିଲେ ସାମୁଦ୍ରିକ ପୀଡ଼ା ହୋଇଥାଏ । ସମୁଦ୍ର ମଧ୍ୟରେ ଜାହାଜରେ ଯିବା ନିମନ୍ତେ ଆଜିଠାରୁ ପ୍ରସ୍ତୁତ ହେଉଛି ।"

ଶ୍ରମଜୀବୀ କଲ୍ୟାଣ

ରାମମୋହନ ଦରିଦ୍ର ଶ୍ରମଜୀବୀମାନଙ୍କର କଲ୍ୟାଣ ସାଧନ ପାଇଁ ସବୁବେଳେ ଚେଷ୍ଟା କରୁଥିଲେ । ତାଙ୍କର ସର୍ବତୋମୁଖୀ ଚିନ୍ତା ଏ କ୍ଷେତ୍ରରେ ମଧ୍ୟ ବହୁତ କାର୍ଯ୍ୟ କରିଥିଲା । ଦେଶରେ ଥିବା ପତିତ ଜମିକୁ ଭୂମିହୀନ ଶ୍ରମଜୀବୀମାନଙ୍କ ଭିତରେ ବଣ୍ଟନ କରିଦେବା ଉଚିତ ବୋଲି ସେ ସରକାରଙ୍କୁ କହୁଥିଲେ । ଏହାଦ୍ୱାରା ଦେଶରେ କୃଷିର ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ବହୁ ଦରିଦ୍ର ଶ୍ରମଜୀବୀଙ୍କୁ ନିଜର ଅର୍ଥନୈତିକ ଅବସ୍ଥାର ଉନ୍ନତି ସାଧନ କରିବାରେ ସାହାଯ୍ୟ କରିବା ଯୁକ୍ତି ସେ କରୁଥିଲେ ।

ଜୀବେ ଦୟା

ଜୀବଜନ୍ତୁ ମଧ୍ୟ ତାଙ୍କର ଦୟା ଥିଲା । ସେ ଆମିଷ ଭକ୍ଷଣ କରୁଥିଲେ । ମାଂସରେ ତାଙ୍କର ବେଶି ଆଗ୍ରହ ଥିଲା । ଥରେ ତାଙ୍କର ପାଚକ ଗୋଟିଏ ଛେଳିକୁ ଆଣି ନିଷ୍ଠୁର ଭାବରେ ହତ୍ୟା କରୁଥିଲା । ଏ ଦୃଶ୍ୟ ରାମମୋହନଙ୍କ ଦୃଷ୍ଟିରେ ପଡ଼ିବାରୁ ସେ ଅତ୍ୟନ୍ତ ବିରକ୍ତ ହୋଇ ପାଚକକୁ କହିଲେ, "ମୁଁ ମାଂସ ଖାଉଛି

Digitized by srujanika@gmail.com

ବୋଲି କଣ ଗୋଟିଏ ଜାତକୁ ଏପରି ନିଷ୍ଠୁର ଭାବରେ ହତ୍ୟା କରାଯିବ ?" ଏଥିରେ ସେ ଦୁଃଖିତ ହୋଇଥିଲେ ଏବଂ ଘାତକକୁ ପାଞ୍ଚଟଙ୍କା ଜରିମାନା କରି ଭବିଷ୍ୟତରେ ଏପରି ନ କରିବା ପାଇଁ ଆଦେଶ ଦେଇଥିଲେ ।

ଗରିବ ପ୍ରଜାଙ୍କ ପ୍ରତି ସହାନୁଭୂତି

ନିଜ ଜମିଦାରୀର ଗରିବ ପ୍ରଜାମାନଙ୍କ ପ୍ରତି ତାଙ୍କର ସହାନୁଭୂତି ଥିଲା । ଥରେ ସେ ଶୁଣିଲେ ଯେ, ତାଙ୍କର ପୁତ୍ର ଗରିବ ବେପାରୀମାନଙ୍କଠାରୁ ହାଟରୁ ତୋଳା ଆଦାୟ କରୁଛନ୍ତି, ଏଥିରେ ସେ ମର୍ମାହତ ହୋଇଥିଲେ ଏବଂ ଆଉ ତୋଳା ଆଦାୟ ନ କରିବାକୁ ଆଦେଶ ଦେଇଥିଲେ । ସେ ଏହି ପ୍ରସଙ୍ଗରେ ଦୁଃଖ କରି କହିଥିଲେ, "ଏହି ଗରିବ ବେପାରୀମାନେ ପେଟ ପୋଷିବା ପାଇଁ ଅଳ୍ପ ମୂଳଧନରେ ଛୋଟ ଛୋଟ ଦ୍ରବ୍ୟସବୁ କିଣାବିକା କରୁଛନ୍ତି । ଏହି ତୋଳା ତାଙ୍କ ଉପରେ ଅତ୍ୟାଚାର ଭଳି ହେବ ।"

ସ୍ୱାଧୀନତା ପ୍ରେମ

ବିଦେଶର ଲୋକମାନଙ୍କ ପ୍ରତି ମଧ୍ୟ ତାଙ୍କର ପୂର୍ଣ୍ଣ ସହାନୁଭୂତି ଥିଲା । ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର କଲ୍ୟାଣ ସେ କାମନା କରୁଥିଲେ । ଚୀନ ଓ ଭାରତବାସୀଙ୍କୁ ଏକତ୍ର ବ୍ୟବସାୟ ବାଣିଜ୍ୟ କରିବା ପାଇଁ ସୁବିଧା ଦାବୀ କରି ବ୍ରିଟିଶ୍ ପାର୍ଲିଆମେଣ୍ଟକୁ ସେ ଏକ ସ୍ମାରକପତ୍ର ଦେଇଥିଲେ ।

"ତାଙ୍କର ଉଦାର ହୃଦୟ ସକଳ ଜାତିର ଉନ୍ନତିରେ ଆନନ୍ଦ ଅନୁଭବ କରୁଥିଲା । ସ୍ପେନ୍ ଦେଶ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ରାମମୋହନ ସ୍ପେନ୍‌ବାସୀମାନଙ୍କ ଆନନ୍ଦରେ

Digitized by srujanika@gmail.com

ଆନନ୍ଦିତ ହୋଇ କଲିକତା ଟାଉନ୍‌ହଲ୍‌ରେ ଏକ ପ୍ରକାଶ୍ୟ ଭୋଜି ଦେଇଥିଲେ । ବ୍ରିଟିଶ୍ ରାଜ୍ୟର ରାଜଧାନୀ ଇଂଲଣ୍ଡକୁ ଯିବା ସମୟରେ କେପ୍‌ଟାଉନ୍ ବନ୍ଦରରେ, ଫରାସୀ ଜାହାଜରେ ସ୍ୱାଧୀନତା ପତାକା ଉଡ଼ୁଥିବାର ଦେଖି ସେ ଆନନ୍ଦ ହୃଦୟରେ ଏତେ ବ୍ୟଗ୍ରତା ସହିତ ତାକୁ ଅଭିବାଦନ କରିବା ନିମିତ୍ତ ଗଲେ ଯେ, ଡେକ୍ ଉପରେ ପଡ଼ିଯାଇ ତାଙ୍କର ଗୋଟିଏ ପାଦ ଭାଙ୍ଗିଗଲା । ଏହି ଖଞ୍ଜତା ତାଙ୍କୁ ଚିରଦିନ ବହନ କରିବାକୁ ହୋଇଥିଲା ।"

ପାଶ୍ଚାତ୍ୟମାନଙ୍କ ସହିତ ଘନିଷ୍ଠତା ସ୍ଥାପନ

ରାମମୋହନ ୟୁରୋପୀୟମାନଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଇଁ ଚେଷ୍ଟା କରୁଥିଲେ । ୟୁରୋପୀୟମାନଙ୍କର ସଦ୍‌ଗୁଣଗୁଡ଼ିକୁ ଗ୍ରହଣ କରି ନିଜର ଉନ୍ନତି ସାଧନ କରିବାକୁ ସେ ଲୋକଙ୍କୁ ବୁଝାଉଥିଲେ । ୟୁରୋପୀୟମାନଙ୍କର ସବୁ କଥାକୁ ଯେ ସେ ପସନ୍ଦ କରୁଥିଲେ, ଏହା ନୁହେଁ । ତେବେ ସେମାନଙ୍କର ମହତ୍ ଗୁଣର ଅନୁକରଣ କରିବାଦ୍ୱାରା ଭାରତର କଲ୍ୟାଣ ହେବ ବୋଲି ସେ ବିଶ୍ୱାସ କରୁଥିଲେ । ସେ କହୁଥିଲେ, "ଆମ୍ଭେମାନେ ୟୁରୋପୀୟ-ମାନଙ୍କ ସହିତ ଯେତେ ଘନିଷ୍ଠତା ସୂତ୍ରରେ ଆବଦ୍ଧ ହେବା, ସେତେ ଆମ୍ଭେମାନେ ଉନ୍ନତି ପଥରେ ଅଗ୍ରସର ହୋଇପାରିବା ।" ସେ ସମୟରେ ରାମମୋହନଙ୍କ ଭଳି ଅତି କେତେ ପ୍ରତିଭାବାନ୍ ବ୍ୟକ୍ତି ଏହିରୂପ ଧାରଣା ପୋଷଣ କରିଥିଲେ । ୟୁରୋପୀୟମାନଙ୍କର ଜ୍ଞାନଜନିତ ଉଦାର ଦୃଷ୍ଟିଭଙ୍ଗୀ, ପରିଶ୍ରମ, ଶୀଳ ବ୍ୟବହାର ପ୍ରଭୃତି ପ୍ରତି ସେମାନଙ୍କର ଯଥେଷ୍ଟ ସମ୍ମାନ ଥିଲା ଏବଂ ଏହା ଭାରତବାସୀ ଅନୁକରଣ କରିବା ଉଚିତ ବୋଲି ସେମାନେ ଭାବୁଥିଲେ ।

———

Digitized by srujanika@gmail.com

ଷଷ୍ଠ ପରିଚ୍ଛେଦ

ସମାଜ ସଂସ୍କାର

ସତୀଦାହ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ

ରାମମୋହନ ରାୟ ତିବ୍ବତରେ ଅବସ୍ଥାନ କରୁଥିଲା ବେଳେ ସେଠାର ବୌଦ୍ଧ ଭିକ୍ଷୁ ବା ଲାମାମାନଙ୍କ ଭିତରେ ଥିବା କୁସଂସ୍କାର ବିରୁଦ୍ଧରେ ସ୍ପଷ୍ଟ ଭାବରେ ମତ ପ୍ରକାଶ କରିବାରୁ ସେମାନଙ୍କ ଭିତରୁ କେତେକ ଉଗ୍ର ପନ୍ଥୀ ତାଙ୍କ ପ୍ରତି କ୍ରୁଦ୍ଧ ହୋଇ ତାଙ୍କର ଜୀବନ ନାଶ କରିବାକୁ ଉଦ୍ୟମ କରିଥିଲେ । ସେଠାର ସହୃଦୟା ନାରୀମାନେ ତାଙ୍କୁ ରକ୍ଷା କରିଥିଲେ । ରାମମୋହନ ସେଠାରୁ ଗୋପନରେ ଭାରତକୁ ଫେରି ଆସିଲେ । ନାରୀମାନେ ତାଙ୍କର ଜୀବନ ରକ୍ଷା କରିଥିବାର ପ୍ରତ୍ୟୁପକାର ସ୍ୱରୂପ ସେ ନାରୀକଲ୍ୟାଣ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ।

ସେତେବେଳେ ଭାରତରେ ସତୀଦାହ ପ୍ରଥା ପ୍ରଚଳିତ ଥିଲା । ପ୍ରାଚୀନ କାଳର ମହତ୍ ଉଦ୍ଦେଶ୍ୟ ଅଜ୍ଞାତର ଅନ୍ଧକାରରେ ଆଚ୍ଛନ୍ନ ରହିଲା ଏବଂ ସମାଜ ଅନ୍ଧଭାବରେ ଏହାର ଅନୁସରଣ କରୁଥିଲା । ସତୀଦାହ ପ୍ରଥା ଏହାର ଜ୍ୱଳନ୍ତ ଉଦାହରଣ । ରାମମୋହନଙ୍କ ଜ୍ୟେଷ୍ଠ ଭ୍ରାତା ଜଗନ୍ମୋହନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ତାଙ୍କ ଚିତା ଉପରେ ଶୟନ କରି ଜ୍ୱଳନ୍ତ ଅଗ୍ନିରେ ନିଜକୁ ଭସ୍ମୀଭୂତ କରି ଦେଇଥିଲେ । ଏହି କରୁଣ ଓ ନିର୍ମ୍ମମ ଦୃଶ୍ୟ ରାମମୋହନଙ୍କ ଦୟାର୍ଦ୍ର ହୃଦୟରେ ଗଭୀର ରେଖାପାତ କରି ତାଙ୍କ ମନରେ ଭାବାନ୍ତର ଉପସ୍ଥିତ କରିଥିଲା । ସେହିଦିନଠାରୁ ଏହି ହୃଦୟବିଦାରକ ଅନ୍ୟାୟ ପ୍ରଥା

Digitized by srujanika@gmail.com

ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ସେ ବଦ୍ଧପରିକର ହୋଇଥିଲେ ।

ବହୁ ପ୍ରାଚୀନ କାଳରୁ ହିନ୍ଦୁସମାଜରେ ସତୀଦାହ ବା ସହମରଣ ପ୍ରଥା ପ୍ରଚଳିତ ଥିବାର ଜଣାଯାଏ । ଆଲେକଜାଣ୍ଡରଙ୍କ ଭାରତ ଆଗମନ ସମୟ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ପୂର୍ବରୁ ସତୀଦାହ ପ୍ରଥା ପ୍ରଚଳିତ ଥିବା ପ୍ରମାଣ ମିଳୁଛି । ହିନ୍ଦୁ ରାଜା-ମାନଙ୍କ ରାଜତ୍ୱ କାଳରେ ଏହାକୁ ନିଷେଧ କରାଯାଇ ନାହିଁ; କିନ୍ତୁ ସତୀ ହେବା ସଂଖ୍ୟା ବହୁତ ଅଳ୍ପ ହୋଇଯାଇଥିଲା । ମୁସଲମାନ ରାଜତ୍ୱରେ କେତେ କେତେ ଶାସକ ଏହି ପ୍ରଥାର ବିଲୋପ ପାଇଁ ଚେଷ୍ଟା କରିଥିଲେ । ହିନ୍ଦୁଧର୍ମ ଉପରେ ହସ୍ତକ୍ଷେପ କରିବାକୁ କେତେକ ଇଚ୍ଛୁ ନଥିବାରୁ ଏ ଦିଗରେ କଠୋର ବ୍ୟବସ୍ଥା ଅବଲମ୍ବନ କରୁ ନଥିଲେ । କେତେକ ସ୍ଥଳରେ ସତୀ ନ ହେବାପାଇଁ ସେମାନେ ବିଧବାମାନଙ୍କୁ ପ୍ରବର୍ତ୍ତାଉଥିଲେ । ଯେଉଁମାନେ ସତୀ ହେବାରୁ ନିବୃତ୍ତ ହେଉଥିଲେ, ସେମାନଙ୍କୁ ସମାଜର କେତେକ ଦଣ୍ଡ ସହ୍ୟ କରିବାକୁ ପଡ଼ୁଥିଲା । ଏହି ଶାସକମାନେ ଏହିପରି ନିର୍ଯ୍ୟାତିତ ବିଧବାମାନଙ୍କର ଭରଣପୋଷଣର ଭାର ନିଜେ ବହନ କରୁଥିଲେ । ୟୁରୋପୀୟ ଶାସକମାନେ ଏହି ପ୍ରଥାକୁ ଘୃଣାଚକ୍ଷୁରେ ଦେଖୁଥିଲେ ଏବଂ ଆଇନଦ୍ୱାରା ଏହାର ମୂଳୋତ୍ପାଟନ କରିବାପାଇଁ ଚିନ୍ତା କରୁଥିଲେ । କାଳେ ହିନ୍ଦୁମାନେ ଏହି ପନ୍ଥାକୁ ସେମାନଙ୍କର ଧର୍ମ ଉପରେ ବିଦେଶୀୟ ବିଧର୍ମୀମାନଙ୍କର ଅଯଥା ହସ୍ତକ୍ଷେପ ବୋଲି ଭାବି ଅଶାନ୍ତି ସୃଷ୍ଟି କରିବେ, ଏହି ଭୟରେ କେତେ କେତେ ଏହାକୁ ସମର୍ଥନ କରୁ ନଥିଲେ । ଖ୍ରୀ· ୧୭୭୨ ବେଳକୁ, ଅର୍ଥାତ୍ ରାମମୋହନଙ୍କ ଜନ୍ମ ବର୍ଷ ବେଳକୁ ଇଂଲଣ୍ଡରେ ସତୀଦାହ ବନ୍ଦ କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲେ ।

Digitized by srujanika@gmail.com

ଭାରତରେ କାପ୍‌ଟେନ ଟମିନ୍ ସତୀଦାହ ବନ୍ଦ କରିବା ଦିଗରେ ବିଶେଷ ଚେଷ୍ଟା କରିବାରୁ ହିନ୍ଦୁମାନଙ୍କ ଭିତରୁ ବହୁ ସଂଖ୍ୟକ ଲୋକ ତାଙ୍କ ଉପରେ ଅତ୍ୟାଚାର କରିବାକୁ ଉଦ୍ୟମ କରିଥିଲେ । ଖ୍ରୀ. ୧୮୦୦ରେ ଗଭର୍ଣ୍ଣର ଜେନେରାଲ୍ ଓ୍ୱେଲେସ୍‌ଲିଙ୍କଠାକୁ ଜେ. ଆର୍. ଏଲ୍‌ଫିନ୍‌ଷ୍ଟୋନ୍ ସତୀଦାହ ପ୍ରଥା ଆଇନଦ୍ୱାରା ନିଷେଧ କରିବା ପାଇଁ ଅନୁରୋଧ ଜଣାଇ ଏକ ସ୍ମାରକ ଲିପି ଦେଇଥିଲେ । ବଡ଼ଲାଟଙ୍କ ନିର୍ଦ୍ଦେଶ ଅନୁସାରେ ସରକାରୀ ହାକିମମାନେ ହିନ୍ଦୁ ପଣ୍ଡିତମାନଙ୍କଠାରୁ ଏହି ବିଷୟରେ ମତ ନେଉଥିଲେ । ପଣ୍ଡିତମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଥିଲା ଯେ ହିନ୍ଦୁ ଶାସ୍ତ୍ରରେ ଦ୍ୱାଦଶ ବର୍ଷୀୟା ବାଳିକା, ଗର୍ଭବତୀ ସ୍ତ୍ରୀ ଏବଂ ଶିଶୁ ଗୃହ ସନ୍ତାନର ଜନନୀକୁ ଆଇନଦ୍ୱାରା ରକ୍ଷା କରାଯାଇ ପାରେ ।" କେଉଁ ଜିଲ୍ଲାରେ କେତେ ସତୀ ହୋଇଛନ୍ତି, ତାହାର ତାଲିକା ପ୍ରସ୍ତୁତ ହୋଇଥିଲା । ବହୁ ଜିଲ୍ଲା ହାକିମ ଏହି ପ୍ରଥାକୁ ନିଷେଧ କରିବା ସପକ୍ଷରେ ମତ ଦେଇଥିଲେ । ହିନ୍ଦୁମାନଙ୍କ ଭିତରୁ ବହୁ ବ୍ୟକ୍ତି ସପକ୍ଷରେ ଓ ବିପକ୍ଷରେ ମତ ଦେଇଥିଲେ ।

ସମାଜର ତାଡ଼ନା ଭୟରେ ଅନେକ ବିଧବା ଅନିଚ୍ଛାସତ୍ତ୍ୱେ, ଯେ ସହମରଣ ଅବଲମ୍ବନ କରନ୍ତି, ତାହାର ବହୁତ ନିଦର୍ଶନ ମିଳୁଥିଲା ।

ସହ-ମରଣ ପ୍ରଥା ସ୍ୱଚ୍ଛନ୍ଦଭାବରେ ପ୍ରଚଳିତ ହେଉଥିବା ଏହା କେହି କେହି ଭାବୁଥିଲେ । ବିଧବାମାନେ ସ୍ୱ ଇଚ୍ଛାରେ ସ୍ୱାମୀଙ୍କ ଚିତାଗ୍ନିରେ ପଡ଼ି ଭସ୍ମ ହୋଇଯାଉଥିଲେ ବୋଲି ଯେଉଁ ଧାରଣା ଥିଲା, ତାହା ପ୍ରକୃତରେ ସତ୍ୟ ନୁହେଁ । ସେତେବେଳେ ସରକାରୀ ଅନୁସନ୍ଧାନରୁ ଏପରି ବହୁ ଘଟଣାର ବିବରଣୀ ମିଳିଥିଲା, ଯେଉଁଠାରେ କି ବିଧବା ଉପରେ ସ୍ୱଜନମାନେ ବଳ ପ୍ରୟୋଗ କରି

Digitized by srujanika@gmail.com

ସତୀ କରାଉଥିଲେ । ଜଣେ ପ୍ରତ୍ୟକ୍ଷଦର୍ଶୀ ଏପରିଭାବରେ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି—"ସତୀ ସୁସଜ୍ଜିତା ହୋଇ ଚିତାରେ ଆରୋହଣ କଲେ, କିନ୍ତୁ କିଛିକ୍ଷଣ ପରେ ଯନ୍ତ୍ରଣାରେ ଅସ୍ଥିର ହୋଇ ଚିତାରୁ ଡେଇଁପଡ଼ିଲେ । ମାଜିଷ୍ଟ୍ରେଟ୍ ସାହେବ ସେଠାରେ ଉପସ୍ଥିତ ଥିଲେ ଏବଂ ସତୀଙ୍କ ଉପରେ ଯେପରି କୌଣସି ବଳ ପ୍ରୟୋଗ ନ କରାଯାଏ ସେଥିପାଇଁ ଜଣେ ସିପାହୀକୁ ରଖିଥିଲେ, କିନ୍ତୁ ଏ ଅବସ୍ଥାରେ ଚିତାତ୍ୟାଗୀ ନାରୀକୁ ରକ୍ଷା କରିବା ଦୂରେ ଥାଉ, ସିପାହୀ ତାହାର ହସ୍ତସ୍ଥିତ ଅସିଦ୍ୱାରା ସତୀଙ୍କୁ ଆଘାତ କରିବାକୁ ଉଦ୍ୟତ ହେଲା । ଅର୍ଦ୍ଧଦଗ୍ଧା ନାରୀ ଭୟରେ ପୁନରାୟ ଯେଝି ଚିତାନଳରେ ପ୍ରବେଶ କଲେ । ମାଜିଷ୍ଟ୍ରେଟ୍ ତତ୍କ୍ଷଣାତ୍ ଏହି ପ୍ରହରୀକୁ ଅଲଗା କରିଦେଲେ । ସତୀ ପୁଣି ଚିତାରୁ ଉଠିଆସି ଦୌଡ଼ିଯାଇ ଗଙ୍ଗାଜଳକୁ ଡେଇଁ ପଡ଼ିଲେ । ତାଙ୍କର ଆତ୍ମୀୟମାନେ ଉତ୍ସାନକ ଚିତ୍କାର କରି ତାଙ୍କୁ ପୁନରାୟ ଚିତା ମଧ୍ୟରେ ନିକ୍ଷେପ କରିବାକୁ ଉଦ୍ୟତ ହେବାରୁ ସତୀ ସେମାନଙ୍କ ଭୟରେ ପୁନରାୟ ସେହି ଅନଳରେ ପ୍ରବେଶ କରିବାକୁ ସମ୍ମତ ହେଲେ । କିନ୍ତୁ ମାଜିଷ୍ଟ୍ରେଟ୍ଙ୍କ ଯୋଗୁଁ ତାଙ୍କୁ ଏହି କାର୍ଯ୍ୟରୁ ବିରତ ହେବାକୁ ହୋଇଥିଲା । ମାଜିଷ୍ଟ୍ରେଟ୍ ପାଲିଙ୍କି କରି ତାଙ୍କୁ ହସପିଟାଲ୍‌କୁ ପଠାଇଦେଲେ ।" ଏପରି ବହୁ ଘଟଣା ସେ ସମୟରେ ଘଟୁଥିଲା । ରାମମୋହନ ରାୟ ତାଙ୍କର ନିଜର ପତ୍ରିକା "ସମ୍ବାଦ କୌମୁଦୀ"ରେ ଏହି ସବୁ ମର୍ମନ୍ତୁଦ ଘଟଣା ବର୍ଣ୍ଣନା କରି ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲେ ଏବଂ ଶୀଘ୍ର ଆଇନ୍ ଦ୍ୱାରା ଏହାକୁ ନିଷିଦ୍ଧ କରିବା ପାଇଁ ସରକାରଙ୍କଠାରେ ଦାବୀ କରୁଥିଲେ । ସେ କେତେକଖଣ୍ଡ ପୁସ୍ତିକା ଇଂରେଜୀ ଓ ବଙ୍ଗଳାରେ ପ୍ରକାଶ କରି ପ୍ରଚାର କରୁଥିଲେ । "ପ୍ରବର୍ତ୍ତକ" ଓ "ନିବର୍ତ୍ତକ"ଙ୍କ କଥୋପକଥନ

Digitized by srujanika@gmail.com

ଛଳରେ ସତୀଦାହ ନିଷେଧ ସପକ୍ଷରେ ପ୍ରବନ୍ଧ ରଚନା କରି ପ୍ରକାଶ କରିଥିଲେ । ଏହିସବୁ ପୁସ୍ତକଦ୍ୱାରା ଦେଶର ବହୁ ଉପକାର ସାଧିତ ହୋଇଥିଲା । ସତୀଦାହ ନିଷିଦ୍ଧ ହେଲେ ହିନ୍ଦୁଧର୍ମର କୌଣସି କ୍ଷତି ହେବ ନାହିଁ କି କଳଙ୍କ ଲାଗିବ ନାହିଁ ବୋଲି ରାମମୋହନ କହୁଥିଲେ ।

ଲର୍ଡ଼ ବେଣ୍ଟିକ୍ ଖ୍ରୀ: ୧୮୨୮ରେ ବଡ଼ଲାଟ ହୋଇ ଆସିବା ପରେ ସତୀଦାହ ବିଷୟରେସେ ଧ୍ୟାନ ବିଶେଷ ଦେଇଥିଲେ । ରାମମୋହନଙ୍କ ପୁସ୍ତକଗୁଡ଼ିକ ବେଣ୍ଟିକ୍‌ଙ୍କୁ ବହୁତ ସାହାଯ୍ୟ କରିଥିଲା । ଉଭୟଙ୍କ ଭିତରେ ଏହି ସମ୍ବନ୍ଧରେ ବହୁ ଆଲୋଚନା ହୋଇଥିଲା । ରାୟଙ୍କ ପ୍ରଚାର ଫଳରେ ଏହି ପ୍ରଥା ବନ୍ଦ କରିବା ସପକ୍ଷରେ ଯଥେଷ୍ଟ ବାତାବରଣ ସୃଷ୍ଟି ହୋଇଥିବା ଜାଣିପାରି ବେଣ୍ଟିକ୍ ଏ ଦିଗରେ ଅଗ୍ରସର ହେଲେ । ଖ୍ରୀ: ୧୮୨୯ ଡିସେମ୍ବର ତା ୪ରିଖରେ ବଡ଼ଲାଟ ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍ ଆଇନ ପ୍ରବର୍ତ୍ତନ କରି ସତୀଦାହ ନିବାରଣ କଲେ ।

ସତୀଦାହ ବନ୍ଦ ହେବାରୁ ଦେଶରେ ଚହଳ ପଡ଼ିଗଲା । କେତେ ଜଣ ପ୍ରାଚୀନ ପନ୍ଥୀ ଏଥିରେ କ୍ଷୁବ୍ଧ ହେଲେ ଏବଂ ରାମମୋହନ ଏହି ଆନ୍ଦୋଳନର ମୁଖ୍ୟ କର୍ତ୍ତା ଥିବାରୁ ତାଙ୍କପ୍ରତି ଶତ୍ରୁତା କରିବାକୁ ଲାଗିଲେ । ତାଙ୍କୁ ମାରିଦେବା ପାଇଁ ଷଡ଼ଯନ୍ତ୍ର ମଧ୍ୟ ହୋଇଥିଲା । ରାୟ ଅତି ସାବଧାନରେ ଚଳି ନିଜର ଆତ୍ମରକ୍ଷା କରୁଥିଲେ ।

ସତୀଦାହ ବନ୍ଦ ହୋଇଯିବାରୁ ରାମମୋହନ ରାୟ ତାଙ୍କର ସଙ୍କଳ୍ପ ପୂର୍ଣ୍ଣ ହୋଇଥିବା ଦେଖି ଅପାର ଆନନ୍ଦ ଉପଭୋଗ କରିଥିଲେ । ନାରୀଜାତିର କଲ୍ୟାଣ ପାଇଁ ସେ ଅନ୍ୟ କ୍ଷେତ୍ରରେ ମନୋନିବେଶ କରିଥିଲେ ।

Digitized by srujanika@gmail.com

ବିଧବାମାନଙ୍କ ସମ୍ପତ୍ତି ଅଧିକାର

ରାମମୋହନ ରାୟ ନାରୀଜାତିର କଲ୍ୟାଣ ନିମିତ୍ତ ବିଧବାମାନଙ୍କର ସ୍ୱାମୀଙ୍କ ସମ୍ପତ୍ତିରେ ଅଧିକାର ଦାବୀ କରି ଏହା ସପକ୍ଷରେ ଜନମତ ସୃଷ୍ଟି କରୁଥିଲେ । ପୂର୍ବେ ହିନ୍ଦୁ ଧର୍ମ ଶାସ୍ତ୍ରମାନଙ୍କରେ ବିଧବାମାନଙ୍କର ସ୍ୱାମୀଙ୍କ ସମ୍ପତ୍ତିରେ ଅଧିକାର ସ୍ୱୀକୃତ ହୋଇଥିଲେ, ମଧ୍ୟ ପରବର୍ତ୍ତୀ ସମୟରେ ଟୀକା ଟିପ୍ପଣୀକାରମାନେ ଏହାର କଦର୍ଥ କରି ସେମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରିଥିଲେ । ଫଳରେ ସ୍ୱାମୀର ମୃତ୍ୟୁ ପରେ ବିଧବାକୁ ଆର୍ଥିକ ଓ ମାନସିକ ଦୁର୍ଗତି ଭୋଗ କରିବାକୁ ହେଉଥିଲା । ସୁପୁତ୍ର ଓ କୁଟୁମ୍ବର ଆଦର ଥିବା ସ୍ଥଳେ ଏମାନଙ୍କର ସେତେ ଅସୁବିଧା ହେଉନଥିଲା । ତେବେ ସେମାନଙ୍କୁ ଅନ୍ୟ ଉପରେ ନିର୍ଭର କରି ରହିବାକୁ ହେଉଥିଲା । ବିଧବା ହେବାପରେ ବିମାତାମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଉଥିଲା । ବଙ୍ଗଦେଶର କୁଳୀନ ପ୍ରଥା ଏହି ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣରେ ବର୍ଦ୍ଧିତକରିଥିଲା । ଯୌତୁକ ପ୍ରଥାର ତୀବ୍ର ତାଡ଼ନାରେ ବ୍ରାହ୍ମଣ ପିତା କନ୍ୟାକୁ ଯୁବତୀ ହେବାପୂର୍ବରୁ ବିବାହ ଦେବା ସମ୍ଭବ ହେଉ ନଥିଲା । ଏହାର ଫଳ ସ୍ୱରୂପ ଜଣେ ଜଣେ କୁଳୀନ ବ୍ରାହ୍ମଣ ଦଶ ବାର କନ୍ୟାଙ୍କୁ ବିବାହ କରି କନ୍ୟାପିତାଙ୍କୁ ବିବାହ ଦାୟରୁ ମୁକ୍ତ କରୁଥିଲେ । କିନ୍ତୁ ଏହି ଗୃହିଣୀମାନେ କେବେ ସ୍ୱାମୀଙ୍କ ଗୃହରେ ରହୁ ନଥିଲେ, ପିତୃଗୃହ ହିଁ ସେମାନଙ୍କର ସ୍ଥାୟୀ ବାସ ଥିଲା । କୁଳୀନ ବ୍ରାହ୍ମଣର ମୃତ୍ୟୁ ହେଲେ ଦଶ ବାର ଜଣ ସ୍ତ୍ରୀ ବିଧବା ହେଉଥିଲେ । ଏହାଦ୍ୱାରା ବିଧବାଙ୍କ ସଂଖ୍ୟା ଅତି ଦୁଃଖଦାୟକ ଭାବରେ ବୃଦ୍ଧି ପାଇ ସମାଜକୁ ଅତି ଦୁର୍ବଳ କରିଦେଉଥିଲା । ବହୁ ବିବାହ ପ୍ରଥା ମଧ୍ୟ

Digitized by srujanika@gmail.com

ସମାଜ ପକ୍ଷେ ଅତ୍ୟନ୍ତ କ୍ଷତିକାରକ ଥିଲା । ସ୍ତ୍ରୀର ବହୁ ବିବାହ କେତେକ ନିମ୍ନ ଶ୍ରେଣୀର ଲୋକଙ୍କ ଭିତରେ ପ୍ରଚଳିତ ଥିଲା; କିନ୍ତୁ ଉଚ୍ଚ ଶ୍ରେଣୀମାନଙ୍କରେ ତାହା ନ ଥିଲା । ସବୁ ଶ୍ରେଣୀରେ ପୁରୁଷମାନଙ୍କର ବହୁବିବାହ ପ୍ରଥା ପ୍ରଚଳିତ ଥିଲା । ଏ କ୍ଷେତ୍ରରେ ସ୍ତ୍ରୀ ସଧବା ହେଉ ବା ବିଧବା ହେଉ ତାର ଦୁଃଖର ସୀମା ନ ଥିଲା । କେତେ ବିଧବା ଭବିଷ୍ୟତ ଦୁର୍ଦ୍ଦଶାରୁ ରକ୍ଷା ପାଇବା ନିମନ୍ତେ ସତୀ ମଧ୍ୟ ହେଉଥିଲେ । ପାରିବାରିକ ମର୍ଯ୍ୟାଦା ସମ୍ପତ୍ତି ସଙ୍ଗେ ଘନିଷ୍ଠ ଭାବରେ ଜଡ଼ିତ ଥିବାରୁ ପରିବାରର ମର୍ଯ୍ୟାଦା ବୃଦ୍ଧି କରିବା ଲକ୍ଷ୍ୟରେ ମଧ୍ୟ କେତେ ଜଣ ବିଧବା ଏଭଳି ତ୍ୟାଗ ସ୍ୱୀକାର କରୁଥିଲେ । ଅଜ୍ଞତାଜନିତ ଏ ତ୍ୟାଗର ମୂଲ୍ୟ ମଧ୍ୟ ସମାଜରେ ଅନୁଭୂତ ହେବା ଦୂରେ ଥାଉ ନିତାନ୍ତ ମର୍ମନ୍ତୁଦ ଦୃଶ୍ୟ ସୃଷ୍ଟି କରି ମାନବଜୀବନକୁ କଳୁଷିତ କରୁଥିଲା । ସ୍ୱାମୀର ସମ୍ପତ୍ତିରେ ସ୍ୱତ୍ୱ ରହିଲେ ବହୁ ବିଧବା ସତୀ ହେବାରୁ ବିରତ ହେବେ ବୋଲି ଆଶା ପ୍ରକାଶ କରି ରାମମୋହନ ଏ ବିଷୟରେ ଯଥାପରୋନାସ୍ତି ଉଦ୍ୟମ କରୁଥିଲେ ।

ବାଲ୍ୟବିବାହ ବିରୋଧ

ହିନ୍ଦୁସମାଜର ଉଚ୍ଚ ଶ୍ରେଣୀମାନଙ୍କ ମଧ୍ୟରେ ବାଲ୍ୟବିବାହ ପ୍ରଚଳିତ ଥିବାରୁ ଦେଶରେ ବାଳବିଧବାମାନଙ୍କର ସଂଖ୍ୟା ବହୁତ ଥିଲା । କେତେକ ସ୍ଥାନରେ କନ୍ୟା ବିକ୍ରୟ ପ୍ରଥା ପ୍ରଚଳିତ ଥିବାରୁ ପିତାମାତା ଓ ଅଭିଭାବକମାନେ ଅର୍ଥ ଲୋଭରେ କନ୍ୟାମାନଙ୍କୁ ବିକ୍ରୟ କରି ଦେଉଥିଲେ ଏବଂ ଏଭଳି କନ୍ୟାମାନେ ଅତି ଅଳ୍ପ ବୟସରେ ବିବାହ କରୁଥିଲେ । ଅର୍ଥ ଲୋଭରେ କେହି କେହି କନ୍ୟାମାନଙ୍କୁ ଅତି ବୃଦ୍ଧମାନଙ୍କ ସହିତ ବିବାହ ଦେବା ପାଇଁ ମଧ୍ୟ

Digitized by srujanika@gmail.com

ପଶ୍ଚାତ୍‌ପଦ ହେଉନଥିଲେ । ଏହି ମୂଢ଼ତା ଯୋଗୁଁ ସମାଜରେ ବାଳବିଧବାଙ୍କ ସଂଖ୍ୟା ବୃଦ୍ଧି ପାଉଥିଲା । ଏମାନଙ୍କର ଅସହନୀୟ ମର୍ମାନ୍ତିକ ଯନ୍ତ୍ରଣା ସମାଜ ଉପରେ ଅତି କଦର୍ଯ୍ୟ ପ୍ରଭାବ ବିସ୍ତାରି କରି ସମାଜକୁ ବିକୃତ କରି ଦେଉଥିଲା । ଏମାନେ ଦୀର୍ଘ ସମସ୍ତ ଦୁଃଖରେ ଜୀବନ ଅତିବାହିତ କରୁଥିଲେ । ବାଲ୍ୟବିବାହ ଓ କନ୍ୟା ହତ୍ୟାବିଷୟ ବିରୁଦ୍ଧରେ ରାମମୋହନ ପ୍ରବଳ ଆକ୍ରମଣ କରି ସମାଜରୁ ଏହାକୁ ଦୂର କରିବା ପାଇଁ ଚେଷ୍ଟା କରିଥିଲେ । କେତେକ ଅଂଶରେ ସେ ଏଥିରେ ବିଜୟ ଲାଭ କରିଥିଲେ । ସେତେବେଳେ ସେ ଯେଉଁ ଆନ୍ଦୋଳନର ବୀଜ ବପନ କରିଯାଇଥିଲେ, ଆଜି ତାହା ମହାନ୍ ବୃକ୍ଷରେ ପରିଣତ ହୋଇ ସୁଫଳ ପ୍ରଦାନ କରିଛି ।

ଆଧୁନିକ ଶିକ୍ଷା ପ୍ରବର୍ତ୍ତନ

ରାଜା ରାମମୋହନ ରାୟ ଭାରତବର୍ଷରେ ଇଂରେଜୀ ପଦ୍ଧତି ବା ଆଧୁନିକ ପଦ୍ଧତିରେ ଶିକ୍ଷାଦାନର ପକ୍ଷପାତୀ ଥିଲେ ଏବଂ ଯେତେ ଶୀଘ୍ର ଏହି ପଦ୍ଧତିର ପ୍ରଚଳନ ହୁଏ, ଦେଶପକ୍ଷରେ ସେତେ ମଙ୍ଗଳ ବୋଲି ସେ କହୁଥିଲେ । ଏହାଙ୍କ ପୂର୍ବରୁ ଆଜି କେତେଜଣ ମଧ୍ୟ ଭାରତରେ ଶିକ୍ଷା ବିସ୍ତାର ସମ୍ବନ୍ଧରେ ଦାବୀ କରୁଥିଲେ । ଏମାନଙ୍କ ମଧ୍ୟରେ ଦୁଇଟି ଦଳ ଥିଲେ । ଦଳେ କହୁଥିଲେ, ଦେଶରେ ସଂସ୍କୃତ ଶିକ୍ଷାର ବହୁଳ ପ୍ରସାର ହେଲେ ଦେଶର ସର୍ବବିଧ ମଙ୍ଗଳ ସାଧିତ ହେବ । ଅନ୍ୟ ଦଳ ଇଂରେଜୀ ଭାଷା ଓ ଇଂରେଜୀ ପଦ୍ଧତିର ଶିକ୍ଷା ପ୍ରବର୍ତ୍ତନ କରିବା ପାଇଁ ଦାବୀ କରୁଥିଲେ । ଏ ବିଷୟରେ ବହୁ ବାଦାନୁବାଦ ମଧ୍ୟ ହେଉଥିଲା ।

ଭାରତରେ ଶିକ୍ଷାବିସ୍ତାର ସମ୍ପର୍କରେ ଦାବୀର ଯାଥାର୍ଥ୍ୟ ଉପଲବ୍‌ଧି କରି ସେ ଦିଗରେ ଅଗ୍ରସର ହେବା ପାଇଁ ଇଷ୍ଟଇଣ୍ଡିଆ କମ୍ପାନୀ ସରକାର ସ୍ଥିର କଲେ । ଏଥିନିମନ୍ତେ ଏକ ଲକ୍ଷ ଟଙ୍କା

Digitized by srujanika@gmail.com

ହଜାର ଟଙ୍କା ମଞ୍ଜୁର କଲେ । କେତେଜଣ ଉଚ୍ଚ ରାଜକର୍ମଚାରୀ ସଂସ୍କୃତ ଶିକ୍ଷାରେ ଏହି ଉଦ୍ଦିଷ୍ଟ ଧନ ବ୍ୟୟ ହେବା ସପକ୍ଷରେ ମତ ଦେଉଥିଲେ ।

ରାମମୋହନ ସ୍ୱୟଂ ଓ ତାଙ୍କ ମତାବଲମ୍ବୀମାନେ ଏହାର ବିରୋଧ କରି ଇଂରେଜୀ ଶିକ୍ଷା ପ୍ରବର୍ତ୍ତନରେ ଏହି ଧନ ବ୍ୟୟ କରିବାକୁ ସରକାରଙ୍କଠାରେ ଦାବୀ କଲେ । ନିଜେ ରାମମୋହନ ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ ମଧ୍ୟ ସେ ଦେଶର ଭବିଷ୍ୟତ ମଙ୍ଗଳ ପାଇଁ ଇଂରେଜୀ ଶିକ୍ଷାର ପକ୍ଷପାତୀ ଥିଲେ । ସରକାର ସଂସ୍କୃତ ବିଦ୍ୟାଳୟ ସ୍ଥାପନରେ ମଞ୍ଜୁରୀ ଧନ ବ୍ୟୟ କରିବା ସପକ୍ଷରେ ଥିବାର ସୂଚନା ପାଇ ରାମମୋହନ ବଡ଼ଲାଟ ଲର୍ଡ଼ ଆମ୍‌ହାର୍ଷ୍ଟଙ୍କଠାକୁ ଗୋଟିଏ ସୁଯୁକ୍ତିପୂର୍ଣ୍ଣ ପତ୍ର ପ୍ରେରଣ କରିଥିଲେ । ଚିଠିଟି ଦୀର୍ଘ ଥିଲା ଏବଂ ଏଥିରେ ଯେଉଁ ସାରଗର୍ଭକ ଯୁକ୍ତି ପ୍ରଦର୍ଶନ କରାଯାଇଥିଲା, ତାହା ପାଠ କରି ସରକାରୀ ମହଲ ସମସ୍ତେ ବହୁ ପ୍ରଶଂସା କରିଥିଲେ । ଏହା ଏ ଦେଶରେ ଶିକ୍ଷାର ଏକ ନବଯୁଗର ସୂତ୍ରପାତ କରିଥିଲା ଏବଂ ଆଜି ପର୍ଯ୍ୟନ୍ତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପ୍ରମାଣପତ୍ର ରୂପେ ଆଦର ଲାଭ କରୁଛି ।

ଚିଠିଟି ଇଂରେଜୀ ଭାଷାରେ ଲିଖିତ ହୋଇଥିଲା । ସେହି ଚିଠି ଭିତରେ ରାୟ ଲେଖିଥିଲେ—"ଏ ଦେଶରେ ସଂସ୍କୃତ ବିଦ୍ୟାଳୟ ସଂସ୍ଥାପନ କରି ଗଭର୍ଣ୍ଣମେଣ୍ଟ ଉପଯୁକ୍ତ ପଣ୍ଡିତମାନଙ୍କ ଦ୍ୱାରା ସଂସ୍କୃତ ଶିକ୍ଷା ପ୍ରଦାନ କରିବାରେ ମନସ୍ଥ କରିଛନ୍ତି; ଏହିପରି ବିଦ୍ୟାଳୟ ଏ ଦେଶରେ ନୂତନ ନୁହେଁ । ଲର୍ଡ଼ ବେକନ୍‌ଙ୍କ ପୂର୍ବରୁ ଶିକ୍ଷା ବିଷୟରେ ଇଂଲଣ୍ଡର ଅବସ୍ଥା ଯେଉଁଭଳି ଥିଲା, ଭାରତର ବର୍ତ୍ତମାନ ଅବସ୍ଥା ତଦ୍ରୂପ ବିବେଚନା କରିବାକୁ ହେବ । ଦୁଇ ସହସ୍ର ବର୍ଷ ପୂର୍ବଠାରୁ ଯେଉଁ ଭାଷା ଏହି ଦେଶରେ ପ୍ରଚଳିତ

Digitized by srujanika@gmail.com

ହୋଇ ଆସୁଅଛି, ସେହି ଭାଷା ଅଧିକତର ଅନୁଶୀଳନରେ ଲୋକଙ୍କ ରମଣୀୟ ପୁଣି ବ୍ୟାକରଣ ଓ ନ୍ୟାୟ ଶାସ୍ତ୍ରର ଜଟିଳ ପ୍ରଶ୍ନାଦିର ମୀମାଂସାରେ ଭାରାକ୍ରାନ୍ତ କରି ପକାଇବା ଛଡ଼ା ଆଉ ଅଧିକ କିଛି ଫଳଦାୟକ ହେବ ନାହିଁ ।

ଏ ଦେଶର ଲୋକଙ୍କର କେବଳ ଉନ୍ନତିସାଧନ ଯେତେବେଳେ ଇଂରାଜ ରାଜପୁରୁଷମାନଙ୍କର ପ୍ରଧାନ ଲକ୍ଷ୍ୟ, ସେତେବେଳେ ଯେପରି ଗଣିତ, ପଦାର୍ଥ ବିଦ୍ୟା, ରସାୟନ, ଶରୀରବିଦ୍ୟା ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଶିକ୍ଷା ଦେଶବାସୀମାନଙ୍କ ଭିତରେ ପ୍ରଚଳିତ ହୁଏ, ତଦ୍‌ବିଷୟରେ ଗବର୍ଣ୍ଣମେଣ୍ଟ ମନୋଯୋଗୀ ହେବା ଉଚିତ । ଏ ଦେଶର ଶିକ୍ଷା ନିମିତ୍ତ ଯେଉଁ ଟଙ୍କା ପ୍ରଦତ୍ତ ହୋଇଛି, ସେଥିରେ କେବଳ ଇଂଲଣ୍ଡର ଶିକ୍ଷାପ୍ରାପ୍ତ ‘ଇଉରୋପୀୟ’ ଶିକ୍ଷକ ନିଯୁକ୍ତ ଓ ବିଜ୍ଞାନ ଶିକ୍ଷାର ଆବଶ୍ୟକ ଯନ୍ତ୍ରାଦିର ବ୍ୟୟ ନିର୍ବାହ ହୋଇ ପାରିବ ।

ଏହି ଆବେଦନପତ୍ର ଆପଣଙ୍କ ସମୀପରେ ଉପସ୍ଥାପିତ କରି, ମୁଁ ମୋର ଦେଶବାସୀ ଓ ସୁସଭ୍ୟ ରାଜାଙ୍କ ପ୍ରତି ଏକ କର୍ତ୍ତବ୍ୟ ପାଳନ କଲି ବୋଲି ମନେ କରୁଛି । ଆପଣମାନେ ମଙ୍ଗଳ ଉଦ୍ଦେଶ୍ୟ ହୃଦୟରେ ଧାରଣ କରି ବହୁ ଦୂରରୁ ଭାରତର କଲ୍ୟାଣ ସାଧନା ପାଇଁ ଏଠାକୁ ଆଗମନ କରିଅଛନ୍ତି, ଏହି ବିଶ୍ୱାସରେ ମୁଁ ଅସଙ୍କୋଚରେ ମୋର ମନର ବାସନା ଆପଣଙ୍କଠାରେ ପ୍ରକାଶ କଲି ।”

ଏହି ଚିଠି ସମ୍ବନ୍ଧରେ ଜଣେ ଲେଖକ କହିଛନ୍ତି— “ଯେଉଁ ସମୟରେ ଅଧିକାଂଶ ଲୋକ ଶିକ୍ଷାର ଆବଶ୍ୟକତା ବୁଝିବାକୁ ସମର୍ଥ ହେଉ ନ ଥିଲେ, ସେହି ସମୟରେ ବିଜ୍ଞାନ ଶିକ୍ଷାର ଅନୁକୂଳରେ ସେ ଯେଉଁ ଭାବରେ ଲେଖନୀ ଚାଳନା

Digitized by srujanika@gmail.com

କରିଥିଲେ, ତାହା ଦର୍ଶନ କଲେ, ତାଙ୍କର ଶିକ୍ଷା ବିଷୟରେ ମତ ଓ ଆଦର୍ଶ କେତେ ଉଦାର ଥିଲା, ତାହା ସହଜରେ ଉପଲବ୍ଧି କରାଯାଇ ପାରେ ।"

ସେତେବେଳେ କଲିକତା ଭାରତର ରାଜଧାନୀ ଥିଲା । ବଙ୍ଗ ପ୍ରଦେଶର ରାଜଧାନୀ ମଧ୍ୟ କଲିକତା ଥିଲା । ଓଡ଼ିଶା, ବିହାର, ଆସାମ, ବଙ୍ଗ-ଏହି ବଙ୍ଗ ପ୍ରଦେଶ ଅନ୍ତର୍ଭୁକ୍ତ ଥିଲା । କଲିକତାରେ ଇଂରେଜୀ ଶିକ୍ଷାର ପ୍ରବର୍ତ୍ତନ ଏହି ଅଞ୍ଚଳ ଉପରେ ପ୍ରଭାବ ବିସ୍ତାର କରିଥିଲା । ସେହି ସମୟରେ କଲିକତାରେ ଇଂରେଜୀ ଶିକ୍ଷାର ପ୍ରବର୍ତ୍ତକମାନଙ୍କ ଭିତରେ ଡେଭିଡ୍ ହେୟାର ପ୍ରଧାନ ଥିଲେ । ସେ ରାମମୋହନ ରାୟଙ୍କ ଆଗ୍ରହ ଦେଖି ଅତିଶୟ ଆଶ୍ୱାନ୍ୱିତ ହୋଇଥିଲେ । ଦିନେ ରାମମୋହନ ଧର୍ମ ଆଲୋଚନା କରିବା ନିମନ୍ତେ ଗୋଟିଏ ସଭାର ଆୟୋଜନ କରିଥିଲେ । ହେୟାରଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲେ ମଧ୍ୟ ରାୟଙ୍କୁ ଦେଖା କରିବା ପାଇଁ ସେ ସଭାରେ ଉପସ୍ଥିତ ହେଲେ । ଉଭୟଙ୍କ ଲକ୍ଷ୍ୟରେ ଐକ୍ୟ ଥିବାରୁ ଓ ଉଭୟେ ବିଦ୍ୟୋତ୍ସାହୀ ଥିବାରୁ ଅଳ୍ପ କ୍ଷଣ ଆଲୋଚନା ଭିତରେ ଘନିଷ୍ଠ ବନ୍ଧୁତ୍ୱର ସୂତ୍ରପାତ ହୋଇଥିଲା । ଭବିଷ୍ୟତ କର୍ମଧାରାର ପ୍ରାରମ୍ଭିକ ସୂଚନା ମଧ୍ୟ ଏହିଠାରେ ଆକାର ଧାରଣ କରିଥିଲା । ଏହି ବନ୍ଧୁତ୍ୱ ପ୍ରାଚ୍ୟ ଭାରତରେ ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ଦିଗରେ ବହୁତ ସାହାଯ୍ୟ କରିଥିଲା । ଜଣେ ଲେଖକ କହିଛନ୍ତି, "ଏହି ମଣିକାଞ୍ଚନ ସଂଯୋଗ ଯୋଗୁଁ ବଙ୍ଗ ଦେଶରେ ପାଶ୍ଚାତ୍ୟ ଜ୍ଞାନଜ୍ୟୋତି ବିକୀର୍ଣ୍ଣ ହେବାର ପଥ ପରିଷ୍କାର ହୋଇଗଲା ।"

ଏହି କ୍ଷେତ୍ରରେ ଡେଭିଡ୍ ହେୟାର୍ (David Hare)ଙ୍କ ସହିତ ବିଚାରପତି ସାର୍ ଏଇଚ୍. ଇଷ୍ଟ ହାଇଡ୍ (Sir H. East

Digitized by srujanika@gmail.com

Hyde) ପୂର୍ଣ୍ଣ ସହଯୋଗ କଲେ । ହାଇଡ୍‌ଙ୍କ ବାସଭବନରେ ଉଦ୍ଦେଶ୍ୟ ସିଦ୍ଧି ପାଇଁ ପନ୍ଥା ଉଦ୍‌ଭାବନ କରିବାକୁ ଗୋଟିଏ ସଭା ଆହୂତ ହେଲା । କଲିକତାରେ ଗୋଟିଏ ଇଂରେଜୀ ସ୍କୁଲ ସ୍ଥାପନ କରିବା ପାଇଁ ସ୍ଥିର ହେଲା । ଏହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ ଏକ କମିଟି ମଧ୍ୟ ନିଯୁକ୍ତ ହେଲା । ରାମମୋହନ ଏହି କମିଟିର ଜଣେ ସଦସ୍ୟ ହୋଇ ରହିଥିଲେ । ପ୍ରସ୍ତାବ ଅନୁସାରେ ଗୋଟିଏ ସ୍କୁଲ ପ୍ରତିଷ୍ଠିତ ହୋଇ ତାହାର ନାମ "ହିନ୍ଦୁ ସ୍କୁଲ" ରଖାଗଲା । ରାମମୋହନଙ୍କ ପ୍ରତି ହିନ୍ଦୁ ସମାଜର ରକ୍ଷଣଶୀଳ ଲୋକଙ୍କର ସମର୍ଥନ ନ ଥିଲା । ତାଙ୍କ ସମ୍ବନ୍ଧରେ ମିଥ୍ୟାରେ ବହୁପ୍ରକାର କୁତ୍ସା ରଟନା କରିବାକୁ ମଧ୍ୟ କେହି କେହି ପଶ୍ଚାତ୍‌ପଦ ହେଉ ନ ଥିଲେ । ସଂସ୍କୃତ ଶିକ୍ଷା ପରିବର୍ତ୍ତେ ଇଂରେଜୀ ଶିକ୍ଷାର ପ୍ରବର୍ତ୍ତନ ପାଇଁ ସେ ଉଦ୍ୟମ କରିଥିବାରୁ ସଂସ୍କୃତ ପକ୍ଷପାତୀମାନେ ମଧ୍ୟ ରାୟଙ୍କୁ ସମର୍ଥନ କରୁ ନ ଥିଲେ । ରାୟଙ୍କ ଇଂରେଜୀ ଭାଷା ଓ ପାଶ୍ଚାତ୍ୟ ରୀତିନୀତିର ପ୍ରୀତିକୁ ସେମାନେ ବିଧର୍ମୀ ମନୋଭାବ ବୋଲି ଭାବୁଥିଲେ ଏବଂ ରାୟ ହିନ୍ଦୁଧର୍ମ ତ୍ୟାଗ କରିଛନ୍ତି ବୋଲି ପ୍ରଚାର କରୁଥିଲେ । ସ୍କୁଲ କମିଟିରେ ତାଙ୍କ ନାମ ରହିଲେ କାଳେ ରକ୍ଷଣଶୀଳମାନେ ଧର୍ମାନ୍ତର ଆଶଙ୍କା ଉତ୍ଥାପନ କରି ଉଦ୍ୟମକୁ ପଣ୍ଡ କରିଦେବେ, ଏହି କାରଣ ଦେଖାଇ ପରେ ସେ କମିଟିରେ ରହିବା ପାଇଁ ଅସମ୍ମତି ଜଣାଇଥିଲେ; କିନ୍ତୁ ସ୍କୁଲ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ଥିଲା । ସ୍କୁଲରେ ହିନ୍ଦୁ ବାଳକ-ବାଳିକାମାନେ ଯେପରି ବହୁ ସଂଖ୍ୟାରେ ଯୋଗ ଦେବେ ସେଥିପ୍ରତି ରାୟ ଯତ୍ନ କରୁଥିଲେ ଏବଂ ସ୍କୁଲର ଯାବତୀୟ କାର୍ଯ୍ୟରେ ହେୟାର୍‌ଙ୍କ ସହିତ ସହଯୋଗ କରୁଥିଲେ । କମିଟିରୁ ସେ ନିଜ

Digitized by srujanika@gmail.com

ନାମକୁ ଉଠାଇ ନେଇ ମଧ୍ୟ ତାଙ୍କ ହୃଦୟକୁ ଏଥିରେ ଯୋଗ କରିଦେଇଥିଲେ ।

ଇଂରେଜୀ ଶିକ୍ଷାର ବିସ୍ତାର ପାଇଁ ସରକାରୀ ଉଦ୍ୟମ ଯଥେଷ୍ଟ ନୁହେଁ ବୋଲି ଉପଲବ୍ଧି କରି ବ୍ୟକ୍ତିଗତ ଉଦ୍ୟମରେ ସେ ନିଜେ ଗୋଟିଏ ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହି ସ୍କୁଲର ସମ୍ପୂର୍ଣ୍ଣ ବ୍ୟୟ ଭାର ନିଜେ ରାମମୋହନ ବହନ କରୁଥିଲେ । ଏଠାରେ ପ୍ରଥମେ ପ୍ରାୟ ୮୦ (ଅଶୀ) ଜଣ ବାଳକ ଅଧ୍ୟୟନ କରୁଥିଲେ । ଦୁଇ ଜଣ ଇଂରେଜ ଶିକ୍ଷକ ମାସିକ ଦେଢ଼ଶହ ଓ ସତୁରି ଟଙ୍କା ବେତନରେ ନିଯୁକ୍ତ ହୋଇଥିଲେ । କବିଗୁରୁ ରବୀନ୍ଦ୍ରନାଥଙ୍କ ପିତା ଦ୍ୱାରକାନାଥ ଠାକୁର ବାଲ୍ୟାବସ୍ଥାରେ ଏହିଠାରେ ଅଧ୍ୟୟନ କରୁଥିଲେ । ନିଜର ଗାଡ଼ିରେ ରାମମୋହନ ସ୍ୱୟଂ ତାଙ୍କୁ ସ୍କୁଲକୁ ଆଣିବା-ନେବା ବ୍ୟବସ୍ଥା କରି ଦେଇଥିଲେ ।

ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ପଥରେ ରାମମୋହନଙ୍କ ଆନ୍ତରିକତା ଓ ଯତ୍ନ ପ୍ରଧାନ ଅସ୍ତ୍ରରୂପେ କାର୍ଯ୍ୟ କରିଥିଲା । ସେତେବେଳେ ହିନ୍ଦୁସମାଜର ରକ୍ଷଣଶୀଳମାନଙ୍କର ଧାରଣା ଥିଲା ଯେ, ଇଂରେଜୀ ସ୍କୁଲରେ ପଢ଼ିଲେ ପିଲାମାନେ ଖ୍ରୀଷ୍ଟାନ୍ ହୋଇଯିବେ । ଏହି ଧାରଣା ଶିକ୍ଷାର ଅଗ୍ରଗତିରେ ବହୁ ବାଧା ସୃଷ୍ଟି କରୁଥିଲା । ରାମମୋହନ ଏହି ଧାରଣା ଦୂର କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ରାୟଙ୍କ ସମର୍ଥନ ଲାଭ କରି ବିଖ୍ୟାତ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକ ଡାକ୍ତର ଡଫ୍ କଲିକତାର ହିନ୍ଦୁପଡ଼ା ଭିତରେ ବ୍ରାହ୍ମସମାଜ ଗୃହରେ ଏକ ସ୍କୁଲ ସ୍ଥାପନ କଲେ । ସେଠାରେ ଦୈନନ୍ଦିନ ପାଠ ଆରମ୍ଭ ପୂର୍ବରୁ ଛାତ୍ରମାନେ ଖ୍ରୀଷ୍ଟୀୟ ପ୍ରଥା ଅନୁସାରେ ଗୋଟିଏ ପ୍ରାର୍ଥନା ବୋଲୁଥିଲେ । ପାଠ୍ୟ ପୁସ୍ତକ ଭିତରେ ଖ୍ରୀଷ୍ଟୀୟ ଧର୍ମପୁସ୍ତକର ସଂଖ୍ୟା ହିଁ ବେଶି ଥିଲା । ହିନ୍ଦୁ

Digitized by srujanika@gmail.com

ଛାତ୍ରମାନେ ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ପାଠ କରିବା ପାଇଁ ଇଚ୍ଛା ପ୍ରକାଶ କରୁ ନଥିଲେ । ଡଫ୍ ସାହେବ ରାମମୋହନଙ୍କୁ ଜଣାଇବାରୁ ସେ ନିଜେ ଛାତ୍ର ଓ ଅଭିଭାବକମାନଙ୍କୁ ବହୁତ ବୁଝାଉଥିଲେ । ସେ କହୁଥିଲେ, "ବାଇବେଲ ପଢ଼ିଲେ କେହି ଖ୍ରୀଷ୍ଟିଆନ୍ ହୋଇଯିବ ନାହିଁ । ଅଥବା କୋରାନ୍ ପାଠ କଲେ କେହି ମୁସଲମାନ ହୋଇଯିବ ନାହିଁ ।" ବିଖ୍ୟାତ ସଂସ୍କୃତ ପଣ୍ଡିତ ଉଇଲ୍‌ସନ ସାହେବଙ୍କ ଦୃଷ୍ଟାନ୍ତ ଦେଖାଇ ସେ ଛାତ୍ରମାନଙ୍କୁ କହୁଥିଲେ, "ଉଇଲ୍‌ସନ୍ ସାହେବ ତ ହିନ୍ଦୁଶାସ୍ତ୍ର ପାଠ କରନ୍ତି, କାହିଁ, ସେ ତ ହିନ୍ଦୁ ହୋଇଯାଇ ନାହାନ୍ତି ?" ରାମମୋହନଙ୍କ ସୁଯୁକ୍ତିପୂର୍ଣ୍ଣ କଥାରେ ଛାତ୍ର ଓ ଅଭିଭାବକମାନଙ୍କ ମନରୁ ଏହି କୁସଂସ୍କାର ଦୂର ହୋଇଯାଇଥିଲା ଏବଂ କ୍ରମେ ଛାତ୍ରସଂଖ୍ୟା ବୃଦ୍ଧି ପାଇଥିଲା । ରାୟ ସ୍କୁଲର ବ୍ୟୟ ନିମନ୍ତେ ଆର୍ଥିକ ସାହାଯ୍ୟ ମଧ୍ୟ ଦେଉଥିଲେ । ପରେ ଏହି ସ୍କୁଲଟି ପାଶ୍ଚାତ୍ୟ ଶିକ୍ଷା ପ୍ରସାରର ଗୋଟିଏ ପ୍ରଧାନ କ୍ଷେତ୍ର ରୂପେ ଦଣ୍ଡାୟମାନ ହୋଇଥିଲା ଏବଂ ଏହିଠାରେ ବହୁ କୃତବିଦ୍ୟ ବ୍ୟକ୍ତି ଶିକ୍ଷାଲାଭ କରି ଦେଶର ମୁଖ ଉଜ୍ଜ୍ୱଳ କରିଥିଲେ ।

ସପ୍ତମ ପରିଚ୍ଛେଦ

ୟୁରୋପ ଭ୍ରମଣ : ମୃତ୍ୟୁ

ସେତେବେଳେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଅଧୀନରେ ଭାରତ ଶାସନ ଚାଲିଥିଲା । ତ ରାଜ୍ୟଚ୍ୟୁତ ମୁସଲମାନ ସମ୍ରାଟଙ୍କର କେତେକ ଅଧିକାର କମ୍ପାନୀ କାଟି ଦେବାରୁ ସେ ଇଂଲଣ୍ଡର

Digitized by srujanika@gmail.com

ପାର୍ଲିଆମେଣ୍ଟରେ ଏହି ବିଷୟରେ ଆପତ୍ତି କରିଥିଲେ । ଭୂତପୂର୍ବ ସମ୍ରାଟ ତାଙ୍କର ପକ୍ଷ ସମର୍ଥନ କରିବା ପାଇଁ ରାମ ମୋହନ ରାୟଙ୍କୁ ନିଯୁକ୍ତ କଲେ । ତାଙ୍କର ପଦମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଦିଲ୍ଲୀର ସମ୍ରାଟ ତାଙ୍କୁ "ରାଜା" ଉପାଧିରେ ଭୂଷିତ କରିଥିଲେ । ଇଂଲଣ୍ଡ ସରକାର ଏହି ଉପାଧିଟିକୁ ସ୍ୱୀକାର କରିଥିଲେ । ଲୋକସାଧାରଣ ଏହାକୁ ଆଦରରେ ଗ୍ରହଣ କରିଥିଲେ ।

ରାମ ମୋହନଙ୍କର ଉଦାର ମତବାଦ, ଇଂରେଜୀ ଶିକ୍ଷାପ୍ରତି ପ୍ରଗାଢ଼ ଅନୁରକ୍ତି ଓ ଏହି କ୍ଷେତ୍ରରେ ତାଙ୍କର ଉନ୍ନତଶୀଳ ଉଦ୍ୟମ, ସତୀଦାହ ପ୍ରଥା ନିଷିଦ୍ଧ କରିବା ପାଇଁ ତାଙ୍କର ଆନ୍ତରିକ ଚେଷ୍ଟା ଓ ଜନଆନ୍ଦୋଳନ ବିଷୟ ଇଂଲଣ୍ଡରେ ସର୍ବତ୍ର ବିଦିତ ଥିଲା । ଭାରତ ସରକାରଙ୍କ ବହୁ କର୍ମଚାରୀ ରାଜଧାନୀ କଲିକତାରୁ ଇଂଲଣ୍ଡର ବହୁ ଲୋକଙ୍କଠାକୁ ଚିଠିପତ୍ର ଲେଖି ତାଙ୍କର କାର୍ଯ୍ୟକଳାପ ଓ ପ୍ରଗତିଶୀଳ ମନୋଭାବ ସମ୍ବନ୍ଧରେ ଜଣାଉଥିଲେ । ଭାରତର ଏଭଳି ଜଣେ କ୍ଷଣଜନ୍ମା ପୁରୁଷଙ୍କ ଦର୍ଶନ ଲାଭ ପାଇଁ ଇଂଲଣ୍ଡର ବହୁ ବିଶିଷ୍ଟ ବ୍ୟକ୍ତି ଆଗ୍ରହାନ୍ୱିତ ଥିଲେ । ଦିଲ୍ଲୀ ସମ୍ରାଟଙ୍କ ଅର୍ଥ ବ୍ୟୟରେ ରାଜା ରାମମୋହନ ରାୟ ବିଲାତ ଯାତ୍ରା କଲେ । ଖ୍ରୀ. ୧୮୩୦ ନଭେମ୍ବର ୧୫ ତାରିଖରେ ସେ "ଆଲବିୟନ୍" ନାମକ ଜାହାଜରେ କଲିକତାରୁ ବାହାରିଲେ । ତାଙ୍କ ସଙ୍ଗରେ ତାଙ୍କର ଦୁଇ କର୍ମଚାରୀ ରାମହରି ଦାସ, ରାମରତନ ମୁଖୋପାଧ୍ୟାୟ ଓ ତାଙ୍କର ଜଣେ ପୋଷ୍ୟପୁତ୍ର ରାଜାରାମ ମଧ୍ୟ ଯାଇଥିଲେ । ରାଜାଙ୍କର ପ୍ରତିଦିନ ଦଶ ବାର ସେର ଦୁଗ୍ଧ ପାନ କରିବାର ଅଭ୍ୟାସ ଥିବାରୁ ଗୋଟିଏ ଦୁଗ୍ଧବତୀ ଗାଈକୁ ସଙ୍ଗରେ ନେଇଥିଲେ । ଜାହାଜରେ ତାଙ୍କର କର୍ମଚାରୀମାନେ ସ୍ୱତନ୍ତ୍ର ଭାବରେ ରୋଷେଇ କରି ଖାଦ୍ୟ ପ୍ରସ୍ତୁତ କରୁଥିଲେ ଏବଂ ରାଜା ତାହା ଭୋଜନ କରୁଥିଲେ ।

Digitized by srujanika@gmail.com

ଜାହାଜରେ ରାଜା ସଂସ୍କୃତ ଓ ହିବ୍ରୁ ଭାଷାରେ ରଚିତ କେତେକ ଗ୍ରନ୍ଥ ପାଠ କରୁଥିଲେ ଏବଂ ତାଙ୍କର ବହୁ ସମୟ ଏଥିରେ ଅତିବାହିତ ହେଉଥିଲା । ସନ୍ଧ୍ୟା ସମୟରେ ସବୁ ଯାତ୍ରୀ ଡେକ୍ ଉପରେ ଉପସ୍ଥିତ ହୋଇ ଆଲାପ କରନ୍ତି । ରାଜାଙ୍କୁ ଲୋକେ ବହୁ ପ୍ରକାର ପ୍ରଶ୍ନ କରନ୍ତି ଏବଂ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇ ଆନନ୍ଦିତ ହୁଅନ୍ତି । ଦିନେ ସାଗରରେ ଭୀଷଣ ଝଡ଼ ତୋଫାନ ଉଠିଲା । ଜାହାଜ ବିପନ୍ନ ଦେଖି ଯାତ୍ରୀମାନେ ଭୀତତ୍ରସ୍ତ ହୋଇଗଲେ । କିନ୍ତୁ ରାଜାଙ୍କ ମନ ଟିକିଏ ହେଲେ ବିଚଳିତ ହୋଇ ନ ଥିଲା । ସେ ବିଭୁଙ୍କ ଉପରେ ବିଶ୍ୱାସ ରଖି ଆଶଙ୍କା ତ୍ୟାଗ କରିବା ପାଇଁ ଉପଦେଶ ଦେଉଥିଲେ । ତାଙ୍କର ଚିତ୍ତ ମଧ୍ୟ ବିକ୍ଷିପ୍ତ ନ ଥିଲା । ସେ ପ୍ରଶାନ୍ତ ଚିତ୍ତରେ ନିଜର କାର୍ଯ୍ୟ କରିଯାଉଥିଲେ ।

ଅଳ୍ପଦିନ ପରେ ଜାହାଜଟି ଦକ୍ଷିଣ ଆଫ୍ରିକାର ନେଟାଲ୍ ବନ୍ଦରରେ ନଙ୍ଗରପଡ଼ରେ ଉପସ୍ଥିତ ହେଲା । ସେଠାରେ ଦୁଇଟି ଫରାସୀ ଜାହାଜ ସ୍ୱାଧୀନତାର ପତାକା ଉଡ଼ାଇ ଯାଉଥିଲେ । ଏହି ପତାକା ଦର୍ଶନରେ ରାଜା ଏତେ ବିହ୍ୱଳ ହୋଇଗଲେ ଯେ, ସେ ଅତି ଉତ୍ସାହରେ ଡେକ୍ ଉପରକୁ ଯିବାକୁ ବାହାରିଲେ । ନିଶୁଣିରେ ଚତ୍ ଚତ୍ ତାଙ୍କର ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଗଲେ । ତାଙ୍କର ଗୋଟିଏ ପାଦ ଭାଙ୍ଗିଗଲା । ତେବେ ସୁଦ୍ଧା ସେ ସ୍ୱାଧୀନ-ପତାକା ଦର୍ଶନ କରିବା ଆଶା ତ୍ୟାଗ କରି ନ ଥିଲେ । ତାଙ୍କର ଅନୁରୋଧକ୍ରମେ କେତେ ଜଣ ଯାତ୍ରୀ ତାଙ୍କୁ ଟେକି ନେଇ ଡେକ୍‌ରେ ରଖିଲେ । ସେଠାରୁ ଫ୍ରାନ୍ସର ଜାତୀୟ ଗୌରବର ପ୍ରତୀକ ଏହି ସ୍ୱାଧୀନପତାକାକୁ ଅଭିବାଦନ କଲେ । ଏଥିରେ ସେ ପରମ ଆହ୍ଲାଦ ଲାଭ କରିଥିଲେ । ଏହା ପରେ ନିର୍ବିଘ୍ନରେ ଚାରିମାସ ତେଇଶି ଦିନ

Digitized by srujanika@gmail.com

ପରେ ଖ୍ରୀ. ୧୮୩୧ ଏପ୍ରେଲ ତା୮ ରିଖ ଦିନ ଇଂଲଣ୍ଡର ଲିଭରପୁଲ ବନ୍ଦରରେ ଉପସ୍ଥିତ ହୋଇଥିଲା ।

ଲିଭରପୁଲରେ ରାଜା କିଛି ଦିନ ଅବସ୍ଥାନ କରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ଜଗତ୍‌ବିଖ୍ୟାତ ପଣ୍ଡିତ ଉଇଲିୟମ୍ ରସ୍କୋଙ୍କୁ ଦେଖା କରିବା ପାଇଁ ରାଜା ତାଙ୍କ ବାସଭବନକୁ ଯାଇଥିଲେ । ସେତେବେଳକୁ ରସ୍କୋଙ୍କ ବୟସ ୮୭ ବର୍ଷ ଏବଂ ସେ ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଥିଲେ । ରାମମୋହନ ରସ୍କୋଙ୍କୁ କହିଲେ, "ଯେଉଁ ମହାପୁରୁଷଙ୍କ ଯଶ ଭୁବନବିଖ୍ୟାତ, ଆଜି ମୁଁ ତାଙ୍କର ଦର୍ଶନ ଲଭ କରି ନିଜକୁ ପରମ ସୌଭାଗ୍ୟବାନ ମନେ କରୁଛି ।" ଏହାର ଉତ୍ତରରେ ରସ୍କୋ କହିଲେ, "ମୁଁ ଭଗବାନଙ୍କୁ ଧନ୍ୟବାଦ ଦେଉଛି ଯେ, ମୋତେ ସେ ଆଜି ପର୍ଯ୍ୟନ୍ତ ଜୀବିତ ରଖିଥିବାରୁ ମୁଁ ଆପଣଙ୍କର ଦର୍ଶନ ଲଭ କଲି ।" ଏଠାରେ କିଛି ଦିନ ରହିବା ପରେ ରାଜା ଲଣ୍ଡନ ଯାତ୍ରା କଲେ । ବାଟରେ ବିଖ୍ୟାତ ବସ୍ତ୍ରଶିଳ୍ପ କେନ୍ଦ୍ର ମାନ୍‌ଚେଷ୍ଟର ସହର ଓ ସେଠାର କର୍ମତତ୍ପରତା ଦେଖି ରାଜା ମୁଗ୍ଧ ହୋଇ ଯାଇଥିଲେ । ରାଜା ଶ୍ରମଜୀବୀମାନଙ୍କର ଜଣେ ପରମ ବନ୍ଧୁ ଥିବାରୁ ତାଙ୍କୁ ଦେଖିବା ପାଇଁ ଶତଶତ ଶ୍ରମଜୀବୀ ଉପସ୍ଥିତ ହେଉଥିଲେ । ଏମାନଙ୍କୁ ସମ୍ବୋଧନ କରି ରାଜା ଭାରତର କେତେକ ବିଷୟରେ କିଛି କହିଥିଲେ ।

ଲଣ୍ଡନରେ ସେ ବହୁ ବିଶିଷ୍ଟ ରାଜନୈତିକ ନେତା ଓ ପାର୍ଲିଆମେଣ୍ଟ ସଦସ୍ୟଙ୍କ ସହିତ ବହୁବାର ଆଳାପ ଆଲୋଚନା କରିଥିଲେ । ଭାରତର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ରାଜା ଅତି ସ୍ପଷ୍ଟ ଭାବରେ ବହୁ ତଥ୍ୟ ଓ ଯୁକ୍ତିପୂର୍ଣ୍ଣ ମତ ବ୍ୟକ୍ତ କରି ସେମାନଙ୍କୁ ଭାରତର ପ୍ରଗତିପଥର ସମର୍ଥକ କରିପାରିଥିଲେ । ତାଙ୍କର

Digitized by srujanika@gmail.com

ପାଣ୍ଡିତ୍ୟ, ଶୀଳତା ଓ ବିଚକ୍ଷଣ ତର୍କଶକ୍ତି ଦେଖି ଆଗନ୍ତୁକ ଭଦ୍ରବ୍ୟକ୍ତିମାନେ ଚମତ୍କୃତ ହୋଇଯାଉଥିଲେ । ଅତି ଜଟିଳ ପ୍ରଶ୍ନର ସମାଧାନ ସେ ଅତି ସରଳ ଭାବରେ କରିଦେଉଥିଲେ ଏବଂ ତାଙ୍କର ଅକପଟ ତର୍କଶକ୍ତି ଲୋକଙ୍କର ଚିତ୍ତକୁ ତାଙ୍କ ପ୍ରତି ଆକୃଷ୍ଟ କରିଦେଉଥିଲା । ଇଂଲଣ୍ଡର ରାଜା ଚତୁର୍ଥ ଉଇଲିୟମ୍‌ଙ୍କ ସହିତ ସେ ସାକ୍ଷାତ କରିବା ସୁବିଧା ପାଇଥିଲେ ଏବଂ ଉଇଲିୟମ୍ ରାମମୋହନଙ୍କ "ରାଜା" ଉପାଧିକୁ ସ୍ୱୀକାର କରିଥିଲେ । ଇଂଲଣ୍ଡ ରାଜାଙ୍କ ଅଭିଷେକ ସମୟରେ ତାଙ୍କୁ ଉପଯୁକ୍ତ ସମ୍ମାନ ସହିତ ନିମନ୍ତ୍ରଣ କରାଯାଇଥିଲା ଏବଂ ସେ ଉତ୍ସବରେ ସମ୍ମାନାସ୍ପଦ ଆସନ ଅଳଂକୃତ କରିଥିଲେ ।

ସେତେବେଳେ ଭାରତର ଅବସ୍ଥା ଜାଣିବା ପାଇଁ ପାର୍ଲିଆମେଣ୍ଟର ଭାରତକମିଟି ତାଙ୍କୁ ନିମନ୍ତ୍ରଣ କରିଥିଲେ । ବଙ୍ଗ ଓ ମାନ୍ଦ୍ରାଜର କୃଷକମାନଙ୍କ ଅବସ୍ଥା ବିଷୟରେ ତାଙ୍କୁ ପ୍ରଶ୍ନ ହୋଇଥିଲା । ସେ କହିଥିଲେ ଯେ, କୃଷକମାନଙ୍କର ଅବସ୍ଥା ଅତି ଶୋଚନୀୟ ଏବଂ ସେମାନେ ଜମିଦାରଙ୍କ ଅନୁଗ୍ରହ ଉପରେ ସର୍ବଦା ନିର୍ଭର କରି ରହୁଛନ୍ତି । ଯଦି ସରକାର ସେମାନଙ୍କ ଉପରେ ପଡ଼ିଥିବା କରଭାରକୁ ଆଉ ବୃଦ୍ଧି ନ କରନ୍ତି, ତାହା ହେଲେ ସେମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାର ଉନ୍ନତି ସମ୍ଭବ ।

ସିଭିଲ୍ ସର୍ଭିସ୍ ସମ୍ବନ୍ଧରେ ସେ ମତ ବ୍ୟକ୍ତ କରିଥିଲେ ଯେ, ଇଂଲଣ୍ଡର ତରୁଣ, ଅଭିଜ୍ଞତାଶୂନ୍ୟ ଯୁବକମାନଙ୍କୁ ଗୁରୁଦାୟିତ୍ୱ ଦେଇ ଭାରତକୁ ପଠାଇବା ଉଚିତ ନୁହେଁ । ସେମାନେ ଅନେକ ସମୟରେ ସ୍ୱଦେଶ ଓ ସ୍ୱଜନମାନଙ୍କଠାରୁ ଦୂରରେ ରହି ଦୁଷ୍ଟ ହୋଇଯାଆନ୍ତି ଏବଂ ଯଥେଚ୍ଛାଚାର କରନ୍ତି । ସେମାନେ ନିର୍ମଳ ଭାବରେ ନୀତିସମର୍ଥିତ ପନ୍ଥା ଅନୁସରଣ କରିବାକୁ ଅସମର୍ଥ

Digitized by srujanika@gmail.com

ହୋଇପଡ଼ନ୍ତି । ଭାରତର ଲୋକଙ୍କୁ ଶାସନ କ୍ଷେତ୍ରରେ ଉଚ୍ଚତର ଦାୟିତ୍ୱ ଅର୍ପଣ କରିବା ପାଇଁ ସେ ଦାବୀ କରିଥିଲେ । ସେତେବେଳେ ମାଜିଷ୍ଟ୍ରେଟଙ୍କ କଚେରୀରେ ମାନେଜର ବା ହେଡ୍‌କିରାନି ପଦଯାଏଁ ଇଉରୋପୀୟଙ୍କ ହାତରେ ଉଚ୍ଚତମ ଆସନ ଥିଲା । ଇଉରୋପୀୟମାନଙ୍କ ଶାସନ ସହିତ ବିଶେଷଭାବରେ ସଂପୃକ୍ତ ନ ରଖିଲେ ଭାରତର ଉନ୍ନତି ଅସମ୍ଭବ ବୋଲି ସେ କହୁଥିଲେ ।

ରାଜା ଇଂଲଣ୍ଡରେ କିଛି କାଳ ଅବସ୍ଥାନ କରିବା ପରେ ଫ୍ରାନ୍‌ସ ଗଲେ । ସେଠାରେ ସମ୍ରାଟଙ୍କ ସହିତ ଦେଖା ସେ କରିଥିଲେ । ଫ୍ରାନ୍‌ସର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ଆଳାପ ଆଲୋଚନା ହୋଇଥିଲା ।

ଫ୍ରାନ୍‌ସରେ କିଛି ଦିନ ରହି ରାଜା ଇଟାଲି ଓ ୟୁରୋପର ଅନ୍ୟାନ୍ୟ ରାଜ୍ୟ ଦେଖିବା ପାଇଁ ସ୍ଥିର କରିଥିଲେ । କିନ୍ତୁ ସେତେବେଳେ ବିଲାତ ପାର୍ଲିଆମେଣ୍ଟରେ ଭାରତ ସମ୍ବନ୍ଧରେ କିଛି ଆଲୋଚନା ହେବାର ଥିଲା । ଏହି ସୁଯୋଗରେ ଭାରତର ଉନ୍ନତି ପାଇଁ କିଛି ଦାବୀ ଉପସ୍ଥାପିତ କରିବା ଇଚ୍ଛା କରି ଇଂଲଣ୍ଡ ଫେରିଲେ । ତାଙ୍କର ପ୍ରଗାଢ଼ ସ୍ୱଦେଶାନୁରାଗ ହିଁ ଏହି ଭ୍ରମଣରୁ ତାଙ୍କୁ ଲଣ୍ଡନକୁ ଫେରାଇ ଆଣିଥିଲା । ଲଣ୍ଡନରେ ରହି ସେ ନିୟମିତ ଭାବେ ପାର୍ଲିଆମେଣ୍ଟଭବନକୁ ଯାଇ ଦର୍ଶକ ଭାବରେ ଭାରତ ସମ୍ବନ୍ଧୀୟ ଆଲୋଚନା ଶୁଣୁଥିଲେ ଏବଂ ସମୟ ସମୟରେ ବିଭିନ୍ନ ସଭ୍ୟମାନଙ୍କୁ ଭେଟି ଭାରତର ଅବସ୍ଥା ବିଷୟରେ ବୁଝାଉଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀର ସଦସ୍ୟମାନେ ଦେଶପ୍ରାଣ ରାମମୋହନଙ୍କୁ ବଡ଼ ଶ୍ରଦ୍ଧା କରୁଥିଲେ । ତାଙ୍କୁ ଗୋଟିଏ ସାଧାରଣ ସଭାରେ ସେମାନେ ସମ୍ବର୍ଦ୍ଧନା ମଧ୍ୟ କରିଥିଲେ ।

Digitized by srujanika@gmail.com

ରାମମୋହନ ରାୟ ଦିଲ୍ଲୀର ଭୂତପୂର୍ବ ସମ୍ରାଟଙ୍କ ଅଧିକାର-ଚ୍ୟୁତିର ପ୍ରତିକାର ପାଇଁ ବିଲାତରେ ଉଦ୍ୟମ କରିଥିଲେ । କିନ୍ତୁ ତାହା ସଫଳ ହୋଇନଥିଲା ।

ଲଣ୍ଡନରେ ବହୁ ଦିନ ରହିବା ଫଳରେ ରାମମୋହନ ରାୟ ସ୍ଥାନର ପରିବର୍ତ୍ତନ କରି ଟିକିଏ ଆରାମରେ ରହିବା ଇଚ୍ଛା କଲେ । ଲଣ୍ଡନର କୋଳାହଳମୟ ଜୀବନଠାରୁ ଟିକିଏ ଦୂରରେ ରହି ଶାନ୍ତି ଉପଭୋଗ କରିବା ଉଦ୍ଦେଶ୍ୟରେ ସେ ବ୍ରିଷ୍ଟଲ୍ ନଗରକୁ ଗଲେ । ସେଠାରେ ଦେଶସେବକ ଡାକ୍ତର କାରପେଣ୍ଟରଙ୍କ ପରାମର୍ଶ କ୍ରମେ ଷ୍ଟେପଲ୍‌ଟନ୍ ଗ୍ରୋଭ୍‌ରେ କୁମାରୀ କାସେଲଙ୍କ ବାସଭବନରେ ଅବସ୍ଥାନ କଲେ । କୁମାରୀ କାସେଲ୍ ଜଣେ ଧନୀକ ବ୍ୟକ୍ତିଙ୍କ କନ୍ୟା । କାସେଲ୍‌ଙ୍କ ମୃତ୍ୟୁ ପରେ ତାଙ୍କର ପୂର୍ବ ଇଚ୍ଛାନୁଯାୟୀ ଡାକ୍ତର କାରପେଣ୍ଟର କୁମାରୀ କାସେଲ୍‌ଙ୍କ ଅଭିଭାବକ ରୂପେ କାର୍ଯ୍ୟ କରୁଥିଲେ । ଏଠାରେ ରାଜା ଶାନ୍ତିରେ ରହିଥିଲେ ଏବଂ ବହୁ ବିଶିଷ୍ଟ ଲୋକ ତାଙ୍କ ସହିତ ଆଳାପ କରିବା ପାଇଁ ଆସୁଥିଲେ; ବିଖ୍ୟାତ ଇଂରେଜ ପ୍ରବନ୍ଧଲେଖକ ଜନ୍ ଫଷ୍ଟର ରାଜାଙ୍କୁ ଦେଖିବା ପାଇଁ ଆସୁଥିଲେ । ଫଷ୍ଟର୍ ରାମମୋହନଙ୍କ ସହିତ ଘନିଷ୍ଠତା ଅର୍ଜନ କରିଥିଲେ ଏବଂ ତାଙ୍କର ସଚ୍ଚରିତ୍ର, ବୁଦ୍ଧି ଓ ପାଣ୍ଡିତ୍ୟର ବହୁ ପ୍ରଶଂସା କରୁଥିଲେ ।

ବ୍ରିଷ୍ଟଲ୍ ଅବସ୍ଥାନ ସମୟରେ ରାୟ ମହାଶୟ ଡାକ୍ତର କାରପେଣ୍ଟରଙ୍କ ଇଉନିଟେରିୟନ ଚର୍ଚ୍ଚକୁ ଯାଇ ଉପାସନାରେ ଯୋଗ ଦେଉଥିଲେ । ସେ ସମୟ ସମୟରେ ପ୍ରାର୍ଥନା ସଙ୍ଗୀତ ଆବୃତ୍ତି କରୁଥିଲେ । କୁମାରୀ କାରପେଣ୍ଟର୍ ରାୟଙ୍କଠାରୁ ଦେଶସେବାର ମହତ୍ତ୍ୱ ସମ୍ବନ୍ଧରେ ପ୍ରେରଣା ପାଇ ଏଥିରେ ମନପ୍ରାଣ ଢାଳି ଦେଇଥିଲେ ।

Digitized by srujanika@gmail.com

ବ୍ରିଷ୍ଟଲ୍‌ରେ ମୃତ୍ୟୁ

ରାୟ ଅଳ୍ପକାଳ ମଧ୍ୟରେ ବ୍ରିଷ୍ଟଲ୍‌ରେ ଲୋକପ୍ରିୟ ହୋଇପାରିଥିଲେ । ସେଠାରେ ତାଙ୍କୁ ଖ୍ରୀ. ୧୮୩୩ ସେପ୍‌ଟେମ୍ବର ମାସ ତା ୧୮ ରିଖରେ ଏକ ପ୍ରକାଶ୍ୟ ସଭାରେ ଲୋକେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହି ସଭାରେ ସେ ପ୍ରାୟ ତିନ ଘଣ୍ଟା କାଳ ଦଣ୍ଡାୟମାନ ହୋଇ ନାନା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇଥିଲେ । ତାଙ୍କର ଖାଣ୍ଟି ବୁଦ୍ଧିର ପରିଚୟ ପାଇ ଲୋକେ ତାଙ୍କୁ ବହୁ ପ୍ରଶଂସା କରିଥିଲେ ।

ଏହି ସଭାର ପରଦିନ ତାଙ୍କୁ ଜ୍ୱର ହେଲା ଏବଂ ଏହା କ୍ରମେ ବୃଦ୍ଧି ପାଇବାରୁ ଡାକ୍ତରମାନେ ଆସି ଚିକିତ୍ସା କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଖ୍ରୀ· ୧୮୩୩ ସେପ୍‌ଟେମ୍ବର ତା ୨୯ରିଖ ରାତି ୨ଟା ୨୫ ମିନିଟରେ ତାଙ୍କର ମୃତ୍ୟୁ ହୋଇଗଲା । ପୀଡ଼ିତ ଅବସ୍ଥାରେ ରାମମୋହନ ସବୁବେଳେ ଭଗବାନଙ୍କ ନାମ ସ୍ମରଣ କରି ସମୟ କଟାଉଥିଲେ । ରାଜାଙ୍କ ଶବକୁ ଷ୍ଟେପଲଟନ୍ ଗ୍ରୋଭ୍ ନିକଟସ୍ଥ ଏକ ବଗିଚାରେ କବର ଦିଆ ହୋଇଥିଲା । ପରେ ଏଠାରୁ ସମାଧିକୁ ଆରନସଭେଲ୍ ନାମକ ସ୍ଥାନକୁ ସ୍ଥାନାନ୍ତରିତ କରା ହୋଇଥିଲା । ଏଠାରେ ଗୋଟିଏ ସମାଧିମନ୍ଦିର ମଧ୍ୟ ନିର୍ମିତ ହୋଇଥିଲା ।

ଅଷ୍ଟମ ପରିଚ୍ଛେଦ

ଜୀବନର କେତୋଟି କାହାଣୀ

ରାମମୋହନ ରାୟ ଜଣେ ବହୁମୁଖୀ ପ୍ରତିଭାବାନ ଲୋକ ଥିଲେ । ସେ ଯେପରି ପଣ୍ଡିତ, ସେପରି ଧୀର ମଧ୍ୟ ଥିଲେ ।

Digitized by srujanika@gmail.com

ମହାପୁରୁଷଙ୍କର ସବୁ ଲକ୍ଷଣ ତାଙ୍କଠାରେ ଥିଲା । ତାଙ୍କର ଅଶେଷ ସଦ୍‌ଗୁଣର ବହୁ ନିଦର୍ଶନର କାହାଣୀ ଶୁଣାଯାଏ । ଊନବିଂଶ ଶତାବ୍ଦୀରେ ଲିଖିତ କେତୋଟି କାହାଣୀ ବିଭିନ୍ନ ଜୀବନୀ ଲେଖାରୁ ସଂଗୃହୀତ ଓ ଅନୁବାଦିତ ହୋଇ ଏଠାରେ ଦିଆଗଲା ।

(୧) ଶିଷ୍ଟାଚାର

ରାମମୋହନ ରାୟ ଶିଷ୍ଟାଚାର ଅବଲମ୍ବନର ବ୍ୟତିକ୍ରମ ଦେଖିଲେ ଅତ୍ୟନ୍ତ ଦୁଃଖିତ ହେଉଥିଲେ ଏବଂ ବ୍ୟତିକ୍ରମକାରୀ ଯେତେ ପ୍ରଭାବ ଓ ପ୍ରତିପତ୍ତିଶାଳୀ ହେଲେ ମଧ୍ୟ ଏହା ସେ ସହ୍ୟ କରୁନଥିଲେ । ଥରେ ସତୀଦାହ ପ୍ରଥା ଆଇନଦ୍ୱାରା ବନ୍ଦ କରିବା ପୂର୍ବରୁ ବଡ଼ଲାଟ ଲର୍ଡ଼ ବେଣ୍ଟିକ୍ ରାମମୋହନ ରାୟଙ୍କ ସହିତ ଆଳାପ ଆଲୋଚନା କରିବା ପାଇଁ ଇଚ୍ଛା କରି ସ୍ୱ ଭବନକୁ ତାଙ୍କୁ ଡାକି ଆଣିବାକୁ ସ୍ଥିର କଲେ । ଜଣେ ଦୂତଙ୍କୁ ରାୟଙ୍କଠାକୁ ପଠାଇଲେ । ଦୂତ ରାଜ ଆଦେଶ ଶିରୋଧାର୍ଯ୍ୟ କରି ରାମମୋହନ ରାୟଙ୍କ ଭବନରେ ଉପସ୍ଥିତ ହେଲେ । ଦୂତ ଆସି ଦେଖିଲେ, ରାମମୋହନ ରାୟ ମୁଖ ପ୍ରକ୍ଷାଳନ କରୁଛନ୍ତି । ରାମମୋହନ ରାୟଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ଦୂତ କହିଲେ, "ଲର୍ଡ଼ ଉଇଲିୟମ ବେଣ୍ଟିକ୍ ଆପଣଙ୍କୁ ତଦୀୟ ଭବନରେ ତାଙ୍କ ସହିତ ଦେଖା କରିବାକୁ ଆହ୍ୱାନ କରୁଛନ୍ତି ।"

ରାମମୋହନ ରାୟ ଭାରତର ଶାସନକର୍ତ୍ତାଙ୍କ ପ୍ରେରିତ କର୍ମଚାରୀଙ୍କ କଥାର ଉତ୍ତରରେ କହିଲେ, "ମୁଁ ଏବେ ବିଷୟ-କର୍ମରୁ ଅବସର ଗ୍ରହଣ କରିଅଛି । କୌଣସି ରୂପ ରାଜକାର୍ଯ୍ୟରେ ଆଉ ଲିପ୍ତ ହେବାକୁ ଇଚ୍ଛା କରୁନାହିଁ ।" ଦୂତ ପ୍ରତିଗମନ କରି ବେଣ୍ଟିକ୍‌ଙ୍କ ସମୀପରେ ରାମମୋହନ ରାୟଙ୍କର ଆସିବାର ଅନିଚ୍ଛା ନିବେଦନ

Digitized by srujanika@gmail.com

କଲେ । ସ୍ଥିରବୁଦ୍ଧି ଓ୍ୱଇଲସ୍ନ୍ ବେଣ୍ଟିକ୍ ଦୂତଙ୍କୁ ପଚାରିଲେ, "ତୁମେ ଯାଇ ତାହାଙ୍କୁ କଣ କହିଲ ?" ଦୂତ ଯାହା କହିଥିଲେ ତାହା ପ୍ରକାଶ କଲେ । ବଡ଼ଲାଟ ସାହେବ କହିଲେ, "ତୁମେ ପୁନରାୟ ଗମନ କରି ଏହି କଥା କହ, ମିଃ ଓ୍ୱଇଲସ୍ନ୍ ବେଣ୍ଟିକ୍ଙ୍କ ସହିତ ତାଙ୍କ ଭବନରେ ଆପଣ ଥରେ ସାକ୍ଷାତ୍ କଲେ ସେ ସୁଖୀ ହେବେ । ଆପଣଙ୍କଠାରେ ତାଙ୍କର ଏହି ଅନୁରୋଧ ଜଣାଇବା ପାଇଁ ଆସିଅଛି ।"

ଦୂତ ରାମମୋହନ ରାୟଙ୍କ ଗୃହକୁ ପୁନରାଗମନ କରି ବଡ଼ଲାଟଙ୍କ ଅନୁରୋଧ-ବାକ୍ୟ ଜ୍ଞାପନ କଲେ । ରାମମୋହନ ରାୟ ରାଜଭବନରେ ବେଣ୍ଟିକ୍ ମହୋଦୟଙ୍କ ସଙ୍ଗେ ସାକ୍ଷାତ କରିବାକୁ ପ୍ରସ୍ତୁତ ହେବେ ବୋଲି ଦୂତଙ୍କୁ କହିଲେ । ଦୂତ ଫେରିଯାଇ ବେଣ୍ଟିକ୍ ମହୋଦୟଙ୍କୁ ରାମମୋହନ ରାୟଙ୍କ ରାଜଭବନକୁ ଆଗମନର ସମ୍ମତି ଜ୍ଞାପନ କଲେ । ନିର୍ଦ୍ଧାରିତ ସମୟରେ ରାୟ ମହୋଦୟ ବଡ଼ଲାଟଙ୍କ ସହିତ ଦେଖା କରି ସତୀଦାହ ବନ୍ଦ ସପକ୍ଷରେ କିପରି ଜନମତ ପ୍ରକାଶିତ ହୋଇ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି ତାହା ଦର୍ଶାଇଥିଲେ ।

(୨) ଧନେଶ୍ୱରୀର ମୂଲ୍ୟ କଣ ପାଞ୍ଚଶତ ଟଙ୍କା ?

ଢାକାର ଜମିଦାର କାଳୀନାଥ ମୁନ୍ସିଙ୍କ ସହିତ ରାମମୋହନଙ୍କର ବିଶେଷ ଘନିଷ୍ଠତା ଥିଲା । ଥରେ ଜଣେ ବ୍ୟକ୍ତି କାଳୀନାଥଙ୍କୁ ଗୋଟିଏ ଦକ୍ଷିଣାବର୍ତ୍ତ ଶଙ୍ଖ ଦେଖାଇ କହିଲା, "ଯେଉଁ ବ୍ୟକ୍ତିର ଘରେ ଏ ଶଙ୍ଖଟି ରହିବ, ତାର ଅଚଳାଚଳ ସମ୍ପତ୍ତି ହେବ ।" ଏହି ଅଦ୍ଭୁତ ଶକ୍ତିସମ୍ପନ୍ନ ଶଙ୍ଖଟିର ମୂଲ୍ୟ ମାତ୍ର ଟ ୫୦୦୲ (ପାଞ୍ଚଶତ ଟଙ୍କା) । କାଳୀନାଥ ଶଙ୍ଖଟି କିଣିବା ପାଇଁ ମନସ୍ଥ କଲେ ।

Digitized by srujanika@gmail.com

ସାଂସାରିକ ବହୁ ବିଷୟରେ ସେ ରାମମୋହନଙ୍କର ପରାମର୍ଶ ନେଉଥିଲେ । ଶଙ୍ଖଟି କିଣିବା ପୂର୍ବରୁ ରାୟଙ୍କ ମତାମତ ଜାଣିବା ଉଚିତ ମନେକରି ତାଙ୍କୁ ଏହି ବିଷୟ କହିଲେ । ରାୟ କହିଲେ, "ପାଞ୍ଚଶତ ଟଙ୍କାରେ ଯଦି ଲକ୍ଷ୍ମୀଙ୍କୁ ଗୃହରେ ବାନ୍ଧି ରଖି ହେବ, ଏହା ତୁଲ୍ୟ ସୁଖର ବିଷୟ ଆଉ କଣ ହୋଇପାରେ ? କିନ୍ତୁ ବିକ୍ରେତା ସକଳ ଅଭାବ ପୂର୍ଣ୍ଣକାରୀ ଏଭଳି ବସ୍ତୁ ଗୃହରେ ନ ରଖି କିପରି ଏହାକୁ ଅପରକୁ ବିକ୍ରୟ କରୁଛି ? ଧନେଶ୍ୱରୀର ମୂଲ୍ୟ କଣ ପାଞ୍ଚଶତ ଟଙ୍କା ?" ଏହି କଥା ଶୁଣିବା ମାତ୍ରେ କାଳୀବାବୁ ଆଉ କିଛି ନ କହି ଶଙ୍ଖଟିକୁ ଫେରାଇ ଦେଇ ବିକ୍ରେତାକୁ ବିଦାୟ କରିଦେଲେ ।

(୩) ଗୃହକର ଆଉ ପୁଅ ମଧ୍ୟରେ ବିବାଦ

ରାଜାଙ୍କ କର୍ମଚାରୀ ଜଗନ୍ନାଥ ସୁପ୍ରିମ କୋର୍ଟରେ ଗୋଟିଏ ମକଦ୍ଦମାର ଅପିଲ କରିଥିଲେ । ଏହି ମକଦ୍ଦମାଟି ଯାଦବଚନ୍ଦ୍ର ରାୟଙ୍କ (ଯାଦବଚନ୍ଦ୍ର ରାଜାଙ୍କ ପୁତୁରା, ତାଙ୍କ ପିତାଙ୍କର ବଡ଼ଭାଇଙ୍କ ପୁଅର ପୁଅ) ବିରୁଦ୍ଧରେ ଚଳୁଥିଲା । ରାଜା ରାମମୋହନ ଏହି ସମୟରେ ମକଦ୍ଦମା ଶୁଣିବାକୁ ଯାଉଥିଲେ ଏବଂ ପ୍ରତ୍ୟେକ ଥର ଯାଦବଙ୍କୁ ଷୋଳଟି ଟଙ୍କା ଦେଉଥିଲେ । ନିଜ ରୁମାଲରେ ତାଙ୍କ ମୁଖକୁ ପୋଛି ଦେଉଥିଲେ । ଯାଦବ ଏହି ମକଦ୍ଦମାରେ ଜୟୀ ହୋଇଥିଲେ । ରାମମୋହନ ଶେଷକୁ କହିଥିଲେ, "ଗୃହକର ଆଉ ପୁଅ ମଧ୍ୟରେ ବିବାଦ ଚାଲିଥିଲା, ଗୃହକର ପରାସ୍ତ ହେଲା । ପୁଅର ଜିଦ୍ ରହିଲା, ଭଲ ହେଲା ।" ନିଜେ ପରାସ୍ତ ହୋଇ ମଧ୍ୟ ବିଜେତା ପ୍ରତି ତାଙ୍କର ଘୃଣା ନ ଥିଲା । ସେ ଓଲଟା ପ୍ରତିପକ୍ଷକୁ ଟଙ୍କା ସାହାଯ୍ୟ ଦେଲେ । ଏହି ଉଦାରଭାବ, ସାଧୁତା ଓ ମନସ୍ୱୀତା ଅତି ଅଳ୍ପ ଲୋକଙ୍କଠାରେ ଦେଖାଯାଏ ।

Digitized by srujanika@gmail.com

(୪) ବିନୟ

ସକଳ ମହାପୁରୁଷଙ୍କ ପରି ରାଜା ରାମମୋହନ ରାୟ ସ୍ୱଭାବତଃ ଅତ୍ୟନ୍ତ ବିନୀତ ଥିଲେ । ଅସଂଖ୍ୟ ଲୋକ ତାଙ୍କ ସହିତ ଦେଖା କରିବାକୁ ଆସୁଥିଲେ । କିନ୍ତୁ ତାଙ୍କ ସହିତ ତର୍କ କରିବାପାଇଁ ଉପଯୁକ୍ତ ବ୍ୟକ୍ତି ପ୍ରାୟ କେହି ଆସୁନଥିଲେ । ସେମାନେ ତାଙ୍କ ସହିତ ବିଶୃଙ୍ଖଳ ଓ ଅସମ୍ବନ୍ଧ କଥା ସବୁ କହି ତର୍କ କରୁଥିଲେ, କିନ୍ତୁ କାହାକୁ କେବେହେଲେ ସେ ବାହାରିଯିବାକୁ କହିପାରନ୍ତି ନାହିଁ । ସେ ସମସ୍ତଙ୍କ କଥା ଭଦ୍ରଭାବରେ ମନୋଯୋଗ ପୂର୍ବକ ଶୁଣୁଥିଲେ । ଯେତେବେଳେ ସେ ଦେଖୁଥିଲେ ଯେ, ତାଙ୍କର ପ୍ରତିଦ୍ୱନ୍ଦୀ ବଡ଼ ନିର୍ବୋଧ ପରି କଥା କହୁଛନ୍ତି, ସେତେବେଳେ ଏହା ତାଙ୍କୁ ଆଉ ସୁଖ ଲାଗୁନଥିଲା । ସେତେବେଳେ ସେ ତାହାଙ୍କୁ କହୁଥିଲେ, "ଆପଣ କଣ କହୁଛନ୍ତି ? ବର୍ତ୍ତମାନ ବଗିଚାରେ ଟିକିଏ ବୁଲିଲେ ଭଲ ହୁଅନ୍ତା ନାହିଁ ?" ସେହିକ୍ଷଣି ତାଙ୍କ ସହିତ ବାହାରି ଯାଉଥିଲେ । କିନ୍ତୁ ରାଜା ରାମମୋହନ ରାୟ ଏପରି ଦ୍ରୁତଗତିରେ ଚାଲୁଥିଲେ ଯେ, ଅନ୍ୟ ବ୍ୟକ୍ତି ତାଙ୍କ ସହିତ ଚାଲିବାକୁ ଅକ୍ଷମ ହୋଇ, ତାଙ୍କଠାରୁ ବିଦାୟ ନେବାକୁ ବାଧ୍ୟ ହେଉଥିଲେ । ରାଜାଙ୍କର ଚାଲିବା ଶକ୍ତି ଆଶ୍ଚର୍ଯ୍ୟଜନକ ଥିଲା ।

(୫) ମନର ବଳ

ମହାପୁରୁଷମାନେ ବିପଦ ଓ ଦୁର୍ଘଟଣାରେ ବିଚଳିତ ହୋଇ ପଡ଼ନ୍ତି ନାହିଁ । ସେମାନେ ଅସୀମ ଧୈର୍ଯ୍ୟସହ ନିଜର କର୍ମପଥରେ ଚାଲୁଥାଆନ୍ତି । ସେମାନଙ୍କର ମନର ବଳ କିଏ କଳନା କରିପାରିବ ? ରାମମୋହନଙ୍କ ମନର ବଳ ପରୀକ୍ଷା କରିବା ପାଇଁ ଥରେ ତାଙ୍କର ଦୁଇ ଜଣ ବନ୍ଧୁ ଷଡ଼ଯନ୍ତ୍ର କଲେ । ରାମମୋହନଙ୍କ ପୁତ୍ର

Digitized by srujanika@gmail.com

ରାମାପ୍ରସାଦଙ୍କର ମୃତ୍ୟୁ ହୋଇଯାଇଛି ବୋଲି ମିଥ୍ୟାରେ ଗୋଟିଏ ଚିଠି ଲେଖି ଡାକବାଲା ହାତରେ ଚିଠିଟି ଦେଲେ। ନିର୍ଦ୍ଦିଷ୍ଟ ସମୟରେ ଚିଠିଟି ରାୟଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଏ ଦୁହେଁ ରାୟଙ୍କ ଘରେ ପହଞ୍ଚି ତାଙ୍କ ସହିତ ଆଳାପ ଆରମ୍ଭ କଲେ। କିଛିକ୍ଷଣ ପରେ ପୂର୍ବ ପରିକଳ୍ପନା ଅନୁସାରେ ପତ୍ରବାହକ ପତ୍ରଟି ଆଣି ରାୟଙ୍କୁ ଦେଲା। ରାୟ ପତ୍ରଟି ପାଠ କରି କିଛିକ୍ଷଣ ମୌନବ ହୋଇଗଲେ। ଏହି ଦାରୁଣ ଦୁଃସମ୍ବାଦ କିଛିକ୍ଷଣ ପାଇଁ ତାଙ୍କୁ ଅଭିଭୂତ କରିଦେଇଥିଲା। ତାଙ୍କର ଗମ୍ଭୀର ଓ ପ୍ରଫୁଲ୍ଲ ମୁଖମଣ୍ଡଳରେ ଦୁଃଖର ଛାୟା ପଡ଼ି ତାଙ୍କୁ ମ୍ଳାନ କରିଦେଲା। କିନ୍ତୁ ଅଳ୍ପକ୍ଷଣ ପରେ ସେ ପ୍ରକୃତିସ୍ଥ ହୋଇପଡ଼ିଲେ ଏବଂ ତାଙ୍କର ପୂର୍ବକାର୍ଯ୍ୟରେ ମନୋନିବେଶ କଲେ। ଏହା ଦେଖି ଦୁଇ ବନ୍ଧୁ ଆଶ୍ଚର୍ଯ୍ୟ ହୋଇ ଗଲେ। ପରେ ସତ୍ୟକଥା ତାଙ୍କୁ ଜଣାଇ ତାଙ୍କଠାରେ କ୍ଷମା ଭିକ୍ଷା କରିଥିଲେ।

(୭) ଉଦାରତା

ରାମମୋହନ କୁତ୍ସା ବା ନିନ୍ଦା ଶୁଣି ବିଚଳିତ ହୋଇପଡ଼ୁ ନଥିଲେ। ସେ ନିନ୍ଦୁକ ପ୍ରତି କଟୁଭାଷା ବ୍ୟବହାର କରୁନଥିଲେ। ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନଥିଲା କି ନିନ୍ଦୁକ ଉପରେ ପ୍ରତିଶୋଧ ମଧ୍ୟ ନେଉ ନଥିଲେ। ଥରେ ଜଣେ ବ୍ୟକ୍ତି ରାମମୋହନଙ୍କୁ କଟୁ ସମାଲୋଚନା କରି ଅଶ୍ଳୀଳ ଭାଷାରେ ବ୍ୟଙ୍ଗ କବିତାଟିଏ ଲେଖିଥିଲେ। ଏହି କବିତାଟି ପାଠକରି ରାୟଙ୍କ ଭଣଜା ବିଶେଷଭାବରେ ରାଗିଯାଇଥିଲେ ଏବଂ ତାହାଙ୍କ ବିରୁଦ୍ଧରେ ବିଚାରାଳୟରେ ମକଦ୍ଦମା କରିବାକୁ ସ୍ଥିର କରିଥିଲେ। ରାମମୋହନ ଏହା ଶୁଣିପାରି ଭଣଜାଙ୍କୁ ଡାକି ଏଥିରେ ଅଧୀର ନ ହେବା ପାଇଁ ବହୁତ ବୁଝାଇଥିଲେ। ଏଭଳି ଲୋକେ କ୍ଷମାର ପାତ୍ର ବୋଲି ସେ

Digitized by srujanika@gmail.com

କହୁଥିଲେ । ମାମୁଙ୍କ ଉପଦେଶ ଶୁଣିବାପରେ ଭଣଜା ଏ ଦିଗରେ ଆଉ ଅଗ୍ରସର ହୋଇ ନଥିଲେ । ରାମମୋହନଙ୍କର ଉଦାରତାର ଏହା ଗୋଟିଏ ଜ୍ୱଳନ୍ତ ଉଦାହରଣ ।

(୭) ବହୁ ଆହାର : ଶରୀର ପ୍ରତି ଯତ୍ନ

ରାମମୋହନ ଜଣେ ଖୁବ୍ ଶକ୍ତିମାନ ସୁଶ୍ରୀ ପୁରୁଷ ଥିଲେ । ତାଙ୍କର ଆକୃତି ମଧ୍ୟ ଦୀର୍ଘ ଥିଲା । ସେ ପ୍ରଚୁର ପରିମାଣରେ ଆହାର କରିପାରୁଥିଲେ । ପ୍ରତିଦିନ ସେ ବାର ସେର ଦୁଧ ପିଉଥିଲେ ବୋଲି ଶୁଣାଯାଏ । ଗୋଟିଏ ପୂରା ଛେଳିର ମାଂସ ଏକାଥରକେ ସେ ଅକ୍ଳେଶରେ ଭୋଜନ କରି ଦେଉଥିଲେ । ଥରେ ପଚିଶଟି ଆମ୍ବ ଓ ଦଶ ସେର ଦୁଧ ଜଳଖିଆ କରିଥିଲେ । ଆଉ ଥରେ ସେ ପୂରା ଗୋଟିଏ କାନ୍ଧି ପଇଡ଼ର ପାଣି ପିଇ ନାଲିତକ ମଧ୍ୟ ଖାଇପାରିଥିଲେ ।

ତାଙ୍କର ପାଣ୍ଡିତ୍ୟ ଓ ସୁତୀକ୍ଷ୍ଣ ବୁଦ୍ଧି ଦେଖି କେତେ ଜଣ ମସ୍ତିଷ୍କ-ବୈଜ୍ଞାନିକ ତାଙ୍କର ମସ୍ତିଷ୍କ ପରୀକ୍ଷା କରିଥିଲେ । ଅନେକ ବୁଦ୍ଧିମାନ ଲୋକଙ୍କ ମସ୍ତିଷ୍କ ଅପେକ୍ଷା ତାଙ୍କର ମସ୍ତିଷ୍କ ବଡ଼ ବୋଲି ଏହି ପରୀକ୍ଷାରୁ ଜଣା ଯାଇଥିଲା । ବିଦେଶର କେତେଜଣ ବୈଜ୍ଞାନିକ ତାଙ୍କ ମସ୍ତିଷ୍କର ଗୋଟିଏ ଗ୍ରାଫ ପ୍ରସ୍ତୁତ କରି ପରୀକ୍ଷା କରିଥିଲେ ଏବଂ ଏହିଭଳି ମତ ବ୍ୟକ୍ତ କରିଥିଲେ ।

ରାମମୋହନ ଶରୀରକୁ ଭଗବାନଙ୍କର ଅମୂଲ୍ୟ ଦାନ ବୋଲି ମନେ କରି ତାର ଯଥୋଚିତ ଯତ୍ନ ନେଉଥିଲେ । ଅନ୍ୟମାନଙ୍କୁ ମଧ୍ୟ ଶରୀର ସମ୍ବନ୍ଧରେ ଯତ୍ନଶୀଳ ହେବାକୁ ଉପଦେଶ ଦେଉଥିଲେ । ଯେଉଁମାନେ ଏଥିରେ ଆଗ୍ରହ ପ୍ରକାଶ କରି ତାକୁ କାର୍ଯ୍ୟରେ ପରିଣତ କରୁଥିଲେ, ସେମାନଙ୍କୁ ସେ ଖୁବ୍ ଆଦର କରୁଥିଲେ ।

———

Digitized by srujanika@gmail.com

ମୁଦ୍ରାକର—ଶ୍ରୀ ବଳଦେବ ଦାସ, ସତ୍ୟମନ୍ଦିମା ପ୍ରେସ—କଟକ-୨

Digitized by srujanika@gmail.com